ବର୍ଷ-୨୫, ସଂଖ୍ୟା-୧୪୦
ଭୁବନେଶ୍ୱର
୨୩, ମଇ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 140
Bhubaneswar
23,May, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ମାର୍ଶଙ୍କ ଶତକ

# କଳିଙ୍ଗନଗରରୁ ସମୃଦ୍ଧ ଶିଳ୍ପ ଓଡ଼ିଶାର ସ୍ୱପ୍ନ

## କଳିଙ୍ଗନଗରରେ ୧.୧୫ ଲକ୍ଷ କୋଟିର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ

## ସୁଯୋଗ ହେବ ୩୬ ହଜାର ନୂଆ ନିଯୁକ୍ତି

## ଓଡ଼ିଶା ସୀମାହୀନ ସୁଯୋଗର ଭୂମି : ମୁଖ୍ୟମନ୍ତ୍ରୀ

**କଳିଙ୍ଗନଗର,୨୨।୫(ମହାଭାରତ):** ଓଡିଶାର ସମୃଦ୍ଧ ଶିଳ୍ପ ଇତିହାସରେ ଆଉ ଏକ ସଫଳତାର ପୃଷ୍ଠା ଯୋଡି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁରର କଳିଙ୍ଗନଗର ଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ, ସମୁଦାୟ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ପ୍ରାୟ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହୋଇଛି ।

ସୂଚନାଯୋଗ୍ୟ ଯେ, ଆଜି ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍ ?ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କାର ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଯାଜପୁର ଜିଲ୍ଲାରେ ହୋଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି କାର୍ଯ୍ୟକ୍ରମ, ଶିଳାନ୍ୟାସ ନୁହେଁ, କି ଉଦ୍ ?ଘାଟନ ନୁହେଁ, ଏହା ହେଉଛି ସମୃଦ୍ଧ ଓଡ଼ିଶାର ଭବିଷ୍ୟତର ନିର୍ମାଣ । ଏହିସବୁ ପ୍ରକଳ୍ପ ଯୋଗୁଁ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ଏକ ସଂଖ୍ୟା ନୁହେଁ । ପ୍ରତ୍ୟେକ ନିଯୁକ୍ତିର ଅର୍ଥ ହେଉଛି ଆମ ଗାଁର ଜଣେ ଯୁବକଙ୍କୁ ଆଉ ନିଯୁକ୍ତି ବାହାରକୁ ଯିବାକୁ ପଡ଼ିବ ନାହିଁ । ରାଜ୍ୟରେ ନିଯୁକ୍ତିର ଏକ ନୂଆ ଲହର ସୃଷ୍ଟି ହୋଇଛି ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି କଳିଙ୍ଗ ନଗର ଠାରେ ୨୦ଟି ଶିଳ୍ପର ଶିଳାନ୍ୟାସ କରାଗଲା । ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ । କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ । ଆଜି ଆମ ସରକାର ନିଜର ଦୃଢ ଇଚ୍ଛା ଶକ୍ତିର ନିଦର୍ଶନ ଦେଖାଇଛନ୍ତି । ସେ କହିଥିଲେ ଯେ, ମାତ୍ର ୧୧୩ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତି ଆମ ସରକାର ପୂରଣ କରିଛନ୍ତି । ଆଜି ଏହି ଯେଉଁ ସବୁ ପ୍ରକଳ୍ପ ଆପଣମାନଙ୍କ ସମ୍ମୁଖରେ ଭିତିପ୍ରସ୍ତର ସ୍ଥାପନ ହେଲା, ଏହି ସମସ୍ତ ପ୍ରକଳ୍ପର ମେକ୍-ଇନ୍-ଓଡିଶା କନ୍‌କ୍ଲେଭରେ ସ୍ୱାକ୍ଷରିତ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ରକଳ୍ପ ସବୁ ମାଧ୍ୟମରେ ଲକ୍ଷାଧିକ ଓଡ଼ିଆ ଯୁବକ ଓ ଯୁବତୀ ନିଜ ରାଜ୍ୟର ମାଟିରେ ନିଜ ସ୍ୱପ୍ନ ପୂରଣ କରିପାରିବେ। ଏହା କେବଳ ଚାକିରି ନୁହେଁ, ଯୁବବର୍ଗଙ୍କ ପାଇଁ ଏହା ସ୍ୱାଭିମାନ, ଏହା ନୂଆ ଓଡ଼ିଶାର ନୂଆ ପରିଚୟ। ଏହା ସମୃଦ୍ଧ ଓଡିଶାର ଅୟମାରମ୍ଭ।

ସେ ପୁଣି କହିଥିଲେ, ରାଜ୍ୟର ଶିଳ୍ପ ବିକାଶର ଏନ୍ତୁଡିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗ ନଗର । ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଂଚଳ ଏକ ଦୃଷ୍ଟାନ୍ତ ପାଲଟିଛି । ମେକ୍ ଇନ୍ ଓଡ଼ିଶା କନକ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ। ଆଉ ଆଜି, ବାସ୍ତବତା ଭୂମିରେ ଦୃଶ୍ୟମାନ ହେଉଛି ଯେ ଓଡ଼ିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି।ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥି କରି ଆମ ସରକାର କାର୍ଯ୍ୟ କରୁଛି ଏବଂ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପର ବିକାଶ ଆମ ପ୍ରଥମ ଉଦ୍ଦେଶ୍ୟ ଥିଲା ଆଉ ସେହି ଉଦ୍ଦେଶ୍ୟ କୁ ଆମ ସରକାର ସଫଳ କରୁଛନ୍ତି ବୋଲି ସେ କହିଥିଲେ।ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି। ଶିଳ୍ପର ବିକାଶ ହେଉଛି ଏବଂ ଏହା ଦ୍ୱାରା ଆମ ରାଜ୍ୟର ବିକାଶ ହେଉଛି।

ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡଚଣା ବିଧାୟକ ଅମର ନାୟକ ପ୍ରମୁଖଙ୍କ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତି ମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

# ଆଦିବାସୀଙ୍କ ଜମି କିଣିପାରିବେନି ଧନୀ

**ଭୁବନେଶ୍ୱର,୨୨।୫(ମହାଭରତ):** ଏଣିକି ସରକାର କିଣିବେ ଆଦିବାସୀଙ୍କ ଜମି। ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକଙ୍କ ଜମି କିଣିବେ ରାଜ୍ୟ ସରକାର। ଏଥିପାଇଁ ଖୁବଶୀଘ୍ର ସରକାର କର୍ପସ ଫଣ୍ଡ ଗଠନ କରିବାକୁ ଚିନ୍ତା କରୁଛନ୍ତି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ଏଥିପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାରୀ କମିଟି ଗଠନ କରାଯାଇଛି। କମିଟିରେ ଏସସି, ଏସଟି ବିଭାଗରର ପ୍ରମୁଖ ସଚିବ, ଏସସି, ଏସଟି ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କିଛି ଅଭିଜ୍ଞ ଅଧିକାରୀ ରହିବେ।ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସସି, ଏସଟି ବିଭାଗର ଗୃହ କମିଟି, ବିଧାୟକ ମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲାପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।



## ଜମି କିଣିବେ ସରକାର

ଝିଅ ବାହାଘର, ସ୍ୱାସ୍ଥ୍ୟ ଚିକିତ୍ସା ଏବଂ ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ । ସରକାର ଉକ୍ତ ଜମିକୁ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖିବେ ଏବଂ ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି କିଣିପରିବେ । କିନ୍ତୁ ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ସେହି ବର୍ଗର ଲୋକଙ୍କୁ ହିଁ ନିଲାମ କରାଯିବ ଏବଂ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ଜମି ସେହି ବର୍ଗର ଲୋକଙ୍କୁ ନିଲାମ କରାଯିବ ବୋଲି ସୁରେଶ ପୂଜାରୀ କହିଛନ୍ତି।

# ୩ ଆତଙ୍କୀ ନିହତ

ଶ୍ରୀନଗର,୨୨।୫(ମହାଭାରତ): ଗୁରୁବାର ସକାଳେ ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାର ଛତ୍ରୋ ସିଂହପୋରା ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏକ ଏନକାଉଣ୍ଟର ହୋଇଯାଇଛି।ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ସୁରକ୍ଷା ବାହିନୀ ଦ୍ୱାରା ତିନିରୁ ଚାରି ଜଣ ଆତଙ୍କବାଦୀଙ୍କ ଏକ ଗୋଷ୍ଠୀ ଧରାପଡ଼ିଛି। ଆତଙ୍କୀମାନେ ସୁରକ୍ଷା ବାହିନୀ କବ୍ଜାରେ ରହିଥିବା ସୂଚନା ମିଳିଛି। ଆତଙ୍କୀ ଲୁଚିଥିବା ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି ଏବଂ ଆତଙ୍କବାଦୀଙ୍କ ସହ ହାଇ-ଆଲର୍ଟ ଅପରେସନ ଜାରି ରଖିବା ସହିତ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଛି।

ଜମ୍ମୁ ଏବଂ କଶ୍ମୀରର ପୁଲୱାମା ଜିଲ୍ଲାର ତ୍ରାଲ ଅଞ୍ଚଳର ନାଦିର ଗାଁରେ ଗତ ଗୋଟିଏ ସପ୍ତାହ ତଳେ ପୃଥକ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଜୈଶ-ଏ-ମହମ୍ମଦର ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରିବା ପରେ ସୁରକ୍ଷା ବାହିନୀର ଏକ ମିଳିତ ଦଳ ଦ୍ୱାରା ଆଜିର ଅଭିଯାନ ଆରମ୍ଭ ହୋଇଛି। ଏନକାଉଣ୍ଟରରେ ନିହତ ତିନି ଆତଙ୍କବାଦୀଙ୍କ ନାମ ଆସିଫ୍ ଅହମ୍ମଦ ଶେଖ୍, ଆମିର ନାଜିର ୱାନି ଏବଂ ୟାୱର ଅହମ୍ମଦ ଭଟ୍। ଯେଉଁମାନେ ସମସ୍ତେ ଜମ୍ମୁ ଏବଂ କଶ୍ମୀରର ପୁଲୱାମା ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। ଗତ ସପ୍ତାହରେ ମଙ୍ଗଳବାର ସୋପିଆନର କେଲର ଅଞ୍ଚଳ ଏବଂ ଗୁରୁବାର ପୁଲୱାମାର ତ୍ରାଲର ନାଦର ଅଞ୍ଚଳରେ ଏନକାଉଣ୍ଟର ହୋଇଥିବା ରିପୋର୍ଟ କରାଯାଇଥିଲା।

# ଓଡ଼ିଶାକୁ ଫେରିଲା କରୋନା

## ଭୁବନେଶ୍ୱରରେ ପ୍ରଥମ ମାମଲା ଚିହ୍ନଟ

ଭୁବନେଶ୍ୱର,୨୨।୫(ମହାଭାରତ): ତିନି ବର୍ଷର ବ୍ୟବଧାନ ପରେ, ଓଡ଼ିଶାରେ କରୋନା ପୁନର୍ବାର ଦେଖାଦେଇଛି। ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ମାମଲା ଚିହ୍ନଟ ହୋଇଛି।

ରିପୋର୍ଟ ଅନୁଯାୟୀ, ସଂକ୍ରମିତ ବ୍ୟକ୍ତି ଜଣକ ସମ୍ପ୍ରତି ଦିଲ୍ଲୀରୁ ଫେରିଥିଲେ। ସେ ବର୍ତ୍ତମାନ ଘରେ କ୍ୱାରାଣ୍ଟାଇନରେ ଅଛନ୍ତି। କୋରୋନା ଲକ୍ଷଣ ପ୍ରକାଶ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତି ଟେଷ୍ଟ କରିଥିଲେ।ତା ପରେ ସେ କୋଭିଡ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଭୁବନେଶ୍ୱରର ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଜଣେ ବରିଷ୍ଠ ନାଗରିକ ହୋଇଥିବା ବେଳେ ସେ ଏକାଧିକ ରୋଗରେ ପୀଡିତ ଥିବା ସୂଚନା ମିଳିଛି। ତେବେ ଓଡ଼ିଶାରେ କୋଭିଡ ରୋଗୀ ଚିହ୍ନଟ ନେଇ ଅଫିସିଆଲି କୌଣସି ସୂଚନା ଦିଆଯାଇ ନାହିଁ। ଏହି ନୂତନ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

## ପୋଖରୀ ନଖୋଳି ଖାଇଗଲେ ୨୦ ଲକ୍ଷ : ୪ ଗିରଫ

**ରାୟଗଡ଼ା, ୨୨।୫ (ମହାଭାରତ) :** ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ପୋଖରୀ ଖୋଳା ନାମରେ ସରକାରୀ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଜଳଛାୟା ମିସନ ଓ ମୃତ୍ତିକା ସଂରକ୍ଷଣ ବିଭାଗର ୪ ଜଣ ସରକାରୀ କର୍ମଚାରୀଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଥିବା ଜଣାପଡ଼ିଛି। କାଶୀପୁର ବ୍ଲକରେ ଏମଜିଏନଆର ଇଜିଏସ ଯୋଜନାରେ ପୋଖରୀ ଖନନ ନାଁରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ରେ ଅଭିଯୋଗ ହୋଇଥିଲାୟ ଅଭିଯୋଗ ପାଇବା ପରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଥିଲା।କେବଳ କାଗଜପତ୍ରରେ ପୋଖରୀ ଖନନ ଦର୍ଶାଇ କାଶୀପୁର ବ୍ଲକରେ ୨୩ ଗୋଟି ପୋଖରୀ ନାମରେ ୨୦ ଲକ୍ଷ ଟଙ୍କା ହଡ଼ପ ସଂପର୍କରେ ଭିଜିଲାନ୍ସ ତଦନ୍ତରୁ ଜଣାପଡିଥିଲା। ତେଣୁ ଉକ୍ତ ତଦନ୍ତକୁ ଭିତ୍ତି କରି ରାୟଗଡ଼ା ଜିଲ୍ଲା ଜଳଛାୟା ମିସନ ଓ ମୃତ୍ତିକା ସଂରକ୍ଷଣ ବିଭାଗର ୪ ଜଣ କର୍ମଚାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜିଲ୍ଲା ଜଳ ଛାୟା ପ୍ରକଳ୍ପର ଏପିଡି ରାଜେନ୍ଦ୍ର ନାଥ ନାୟକ, ଓଭରସିଅର ଯୋଗେନ୍ଦ୍ର ଖୋସଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ ଶ୍ରୀକୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି।

## କୀର୍ତ୍ତି ଚକ୍ର ଓ ଶୌର୍ଯ୍ୟଚକ୍ର ପ୍ରଦାନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୨।୫(**ମହାଭାରତ**): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ପ୍ରତିରକ୍ଷା ଅନୁସନ୍ଧାନ ସମାରୋହର ପ୍ରଥମ ପର୍ଯ୍ୟାୟରେ ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଏବଂ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପୋଲିସ କର୍ମଚାରୀଙ୍କୁ ୪ଟି ମରଣୋତ୍ତର ସମେତ ୬ଟି କୀର୍ତ୍ତି ଚକ୍ର ଏବଂ ୭ଟି ମରଣୋତ୍ତର ସମେତ ୩୩ଟି ଶୌର୍ଯ୍ୟଚକ୍ର ପ୍ରଦାନ କରିଛନ୍ତି। ରାଇଫଲ ମ୍ୟାନ ରବି କୁମାର, କଲୋନେଲ ମନପ୍ରୀତ ସିଂହ, ଡିଏସପି ହିମାୟୁନ ମୁଜାମ୍ମିଲ ଭଟ୍ଟ ଓ ନାୟକ ଦିଲାର ଖାନଙ୍କୁ ମରଣୋତ୍ତର ଭାବେ କୀର୍ତ୍ତି ଚକ୍ର ପ୍ରଦାନ କରାଯାଇଛି। ମରାଠା ଲାଇଟ୍ ଇନଫାଣ୍ଟ୍ରିର ମେଜର ମଲ୍ଲ ରାମ ଗୋପାଳ ନାଇଡୁ ଏବଂ ପଞ୍ଜାବ ରେଜିମେଣ୍ଟର ମେଜର ମନଜିତଙ୍କୁ କୀର୍ତ୍ତି ଚକ୍ରରେ ସମ୍ମାନିତ କରାଯାଇଛି। ମେଜର ଆଶିଷ ଧୋଙ୍କ୍, ସିପାହୀ ପ୍ରଦୀପ ସିଂ, ହାବିଲଦାର ରୋହିତ କୁମାର, ପୁଲିସ ଅଧିକାରୀ ପନ କୁମାର, କନଷ୍ଟେବଲ ଦେବାନ ସି, ବିଜୟନ କୁଟ୍ଟି ଜି ଏବଂ କ୍ୟାପଟେନ ଦୀପକ ସିଂଙ୍କ ସମେତ ସାତ ଜଣ ବୀରଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନ କରିବାରେ ଅସାଧାରଣ ସାହସ ଏବଂ ବଳିଦାନ ପାଇଁ ମରଣୋତ୍ତର ଭାବେ ଶୌର୍ଯ୍ୟ ଚକ୍ର ପ୍ରଦାନ କରାଯାଇଛି।

# କୋଟିଆ ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

**ଭୁବନେଶ୍ୱର,୨୨।୫(ମହାଭାରତ):** କୋଟିଆର ବିକାଶ ପାଇଁ ରାଜ୍ୟ ସରକାର ଏକ ନୂଆ ପଦକ୍ଷେପ ନେଇଛନ୍ତି। କୋଟିଆର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଏଜେନ୍‌ସି କାମ କରିବ। ଏହି ଏଜେନ୍ସି ଦାୟିତ୍ୱରେ ଜଣେ ଓଏଏସ୍ /ଓଆରଏସ୍ ପାହ୍ୟା ଅଧିକାରୀ ରହିବେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶନାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋଟିଆ। ଗ୍ରାମପଞ୍ଚାୟତ ପ୍ରତି ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। କୋଟିଆ। ପଞ୍ଚାୟତର ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏବେ ସମସ୍ତ ବିଭାଗର ସମସ୍ତ ଯୋଜନା ଗୋଟିଏ ଏଜେନସି ମାଧ୍ୟମରେ କାମ କରାଯିବ, ଯାହାର ଦାୟିତ୍ୱରେ ରହିବେ ଜଣେ ଓଏଏସ କିମ୍ବା ଓଆରଏସ ପାହ୍ୟା ସ୍ୱତନ୍ତ୍ର ଅଧିକାରୀ। ତାଙ୍କର ଗୋଟିଏ ସ୍ୱତନ୍ତ୍ର କାର୍ଯ୍ୟାଳୟ ରହିବ। ଏହି ଏଜେନିସି ପଞ୍ଚାୟତର ସାମଗ୍ରୀକ ବିକାଶ ପାଇଁ କାମ କରିବ। ଓଡିଆ ଅସ୍ମିତାକୁ ଦୃଷ୍ଟିରେ ରଖି ସୀମାନ୍ତ ଗ୍ରାମ ଗୁଡ଼ିକରେ ଓଡ଼ିଶା ଭାଷା, ସଂସ୍କୃତି, ପରମ୍ପରା ଓ ବିଭିନ୍ନ ଯାନିଯାତ୍ରାକୁ ସମୃଦ୍ଧି କରିବା ପାଇଁ କାମ କରିବେ। ଏହି କମିଟି ସ୍ୱତନ୍ତ୍ର ଏଜେନସିର ରୂପରେଖ, ବ୍ୟୟ, ବିଭିନ୍ନ ଯୋଜନାର ସହଭାଗିତାରେ କିପରି କାର୍ଯ୍ୟ କରିବ ଏବଂ ସୀମାନ୍ତ ରାଜ୍ୟ କଣ ସହାୟତା ପ୍ରଦାନ କରୁଛି ତାକୁ ଦେଖି ନିଜର ଖସଡା ପ୍ରସ୍ତୁତ କରିବ।




କମିଟି ଆସନ୍ତା ଦିନରେ କୋଟିଆରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନର ସ୍ଥିତି ଅନୁଧ୍ୟାନ କରିବେ। କୋଟିଆରେ ଓଡ଼ିଆ ଅସ୍ମିତାକୁ ନେଇ କାର୍ଯ୍ୟ କରିବ କମିଟି। ଓଡ଼ିଶା ମାଟିରେ ପିଲା ଓଡ଼ିଆ ପାଠ ପଢ଼ିବେ। ଯାହାକୁ ନେଇ କମିଟି କାମ କରିବ। କୋଟିଆର ବିକାଶକୁ ନେଇ ରାଜ୍ୟ ସରକାର ନେଇଛନ୍ତି ସ୍ୱତନ୍ତ୍ର ପଦକ୍ଷେପ।

୧୬ ଜଣକୁ ନେଇ ଗଠିତ କମିଟିରେ ଅତିରିକ୍ତ ମୁଖ୍ୟ ଶାସନସଚିବ ରାଜସ୍ୱ ବିଭାଗ, ଅତିରିକ୍ତ ମୁଖ୍ୟ ଶାସନସଚିବ ଗୃହ ବିଭାଗ, ପ୍ରମୁଖ ଶାସନସଚିବ ଅନୁସୂଚିତ ଜାତି ଓ ଜନଜାତି, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ, ଶ୍ରମ ଓ କର୍ମ ନିଯୁକ୍ତି ବିଭାଗ ସଚିବ, ଖାଦ୍ୟ ଓ ଯୋଗାଣ ବିଭାଗ ସଚିବ, ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି ବିଭାଗ ସଚିବ, ଆଇନ ବିଭାଗ ସଚିବ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ସଚିବ, ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସହ କୋରାପୁଟ ଜିଲ୍ଲାପାଳ ଓ ଏସପି ରହିଛନ୍ତି।

## ଡଙ୍ଗା ବୁଡ଼ି ଦୁଇ ପୁଅ ଓ ମା' ମୃତ

ଦେବଗଡ଼,୨୨।୫ (ମହାଭାରତ): ଦେବଗଡ କୁଣ୍ଡେଇଗୋଳା ଥାନା ତଳେଇସର ନିକଟ ରେଙ୍ଗାଳି ଜଳଭଣ୍ଡାରରେ ମାଛ ଧରିବା ପାଇଁ ସପରିବାର ଯାଇଥିଲେ। ବିଳମ୍ବିତ ରାତିରେ ଦୁଇ ନାବାଳକ ପୁଅଙ୍କୁ ନେଇ ବାପା ଓ ମା' ମାଛ ଧରିବାକୁ ଯାଇଥିଲେ। ମାଛ ଧରିବା ବେଳେ ଦୁର୍ଭାଗ୍ୟବଶତଃ ମାଛ ଧରା ଡଙ୍ଗାଟି ଓଲଟି ପଡିଥିଲା । ହେଲେ, ଅଳ୍ପକେ ବର୍ତ୍ତି ଯାଇଥିଲେ ବାପା। ଏଥିରେ ବୁଡି ଯାଇଥିଲେ ମା' ଓ ଦୁଇ ପୁଅ। ଡଙ୍ଗା ବୁଡିବା ପରେ ବାପା ଗୋଟିଏ ପୁଅକୁ ଧରି କୂଳକୁ ଆସିଥିଲେ। କିନ୍ତୁ ପରେ ପୁଅ ମୃତ ଥିବା ଜାଣି ପାରିଥିଲେ। ମୃତ ଦୁଇ ଶିଶୁଙ୍କ ମଧ୍ୟରେ ଜଣେ ୬ ବର୍ଷର ଓ ଅନ୍ୟ ଜଣେ ୩ ବର୍ଷର। ତେବେ ମା' ନିଖୋଜ ଥିବା ବେଳେ ଉଦ୍ଧାରକାରୀ ଦଳ ପହଞ୍ଚି ନିଖୋଜ ମା'ଙ୍କୁ ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା।

# ସେମାନେ ସିନ୍ଦୂର ପୋଛିବାକୁ ଆସିଥିଲେ, ଆମେ ତାଙ୍କୁ ମାଟିରେ ମିଶାଇଦେଲୁ : ମୋଦୀ

**ଜୟପୁର,୨୨।୫(ମହାଭାରତ):** ଅପରେସନ ସିନ୍ଦୂର ପରେ ପ୍ରଥମ ଜନସଭାରେ ସମ୍ବୋଧନ କରି ରାଜସ୍ଥାନରୁ ପାକିସ୍ତାନକୁ ପୁଣି ଟାର୍ଗେଟ୍ କଲେ ପ୍ରଧାନମନ୍ତ୍ରୀ ମୋଦୀ। ପହଲଗାମ୍ ହମଲାକୁ ଆଜି ମାସେ ପୂରିଥିବା ବେଳେ ପ୍ରତିଶୋଧର କାହାଣୀ କହି ପୁଣି ଆତଙ୍କୀ ଏବଂ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି ପ୍ରଧାନମନ୍ତ୍ରୀ କହିଛନ୍ତି। ସେମାନେ ସିନ୍ଦୂର ପୋଛିବାକୁ ଆସିଥିଲେ ଆମେ ତାଙ୍କୁ ମାଟିରେ ମିଶାଇଦେଲୁ। ଯିଏ ଭାରତରେ ରକ୍ତ ବୁହାଇଥିଲେ, ଆଜି ସେମାନଙ୍କୁ ଗୋଟି ଗୋଟି ଜବାବ ଦିଆଯାଇଛି। ଯେଉଁମାନେ ଭାବୁଥିଲେ ଭାରତ ଚୁପ ବସିବ, ଆଜି ସେମାନେ ଘରେ ଲୁଚିଛନ୍ତି। ଯେଉଁମାନେ ନିଜ ଅସ୍ତ୍ରକୁ ନେଇ ଗର୍ବ କରୁଥିଲେ ଆଜି ସେମାନଙ୍କ ଅସ୍ତ୍ର ଅଳିଆଗଦାରେ ପଡ଼ିଛି କହି ଶତ୍ରୁ ଦେଶକୁ ନିଶାନା କରିଛନ୍ତି ମୋଦୀ।

ରାଜସ୍ଥାନର ଅଟଳ ମନୋଭାବ ଉପରେ ଗୁରୁତ୍ୱାରୋପ କରି, ଦେଶ ଏବଂ ଏହାର ଲୋକଙ୍କଠାରୁ ବଡ଼ କିଛି ନୁହେଁ ବୋଲି କହି ପ୍ରଧାନମନ୍ତ୍ରୀ ଏପ୍ରିଲ ୨୨ ତାରିଖରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ନିନ୍ଦା କରିଥିଲେ, ଯେଉଁଠାରେ ଆକ୍ରମଣକାରୀମାନେ ସେମାନଙ୍କ ବିଶ୍ୱାସ ଉପରେ ଆଧାରିତ ନିର୍ଦ୍ଦୋଷ ଲୋକମାନଙ୍କୁ ଟାର୍ଗେଟ କରିଥିଲେ। ସେ ମନ୍ତବ୍ୟ ଦେଇଥିଲେ ଯେ, ପହଲଗାଓଁରେ ଗୁଳି ଚାଳନା କରାଯାଇଥିଲେ ମଧ୍ୟ ଏହା ୧୪୦ କୋଟି ଭାରତୀୟଙ୍କ ହୃଦୟକୁ ଆଘାତ ଦେଇଥିଲା, ଆତଙ୍କବାଦ ବିରୋଧରେ ଦେଶକୁ ଏକତ୍ର କରିଥିଲା। ସେ ଭାରତର ସଶସ୍ତ୍ର ବାହିନୀର ନିର୍ଣ୍ଣାୟକ ପ୍ରତିକ୍ରିୟା ଉପରେ ଆଲୋକପାତ କରିଥିଲେ, କହିଥିଲେ ଯେ ସେମାନଙ୍କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ୱାଧୀନତା ଦିଆଯାଇଛି। ସେ ଉଲ୍ଲେଖ କରିଥିଲେ ଯେ ଏକ ସତର୍କତାର ସହ ସମ୍ପାଦିତ ଅପରେସନରେ, ତିନୋଟି ବାହିନୀ



ପାକିସ୍ତାନର ପ୍ରତିରକ୍ଷା ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ ସହଯୋଗ କରିଥିଲେ , ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲେ। ସେ ପ୍ରକାଶ କରିଥିଲେ ଯେ ୨୨ ଏପ୍ରିଲ ଆକ୍ରମଣର ଜବାବରେ, ଭାରତ ମାତ୍ର ୨୨ ମିନିଟ୍ ର ପ୍ରତିଆକ୍ରମଣ କରିଥିଲା, ନଅଟି ପ୍ରମୁଖ ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା। 'ଏହି କାର୍ଯ୍ୟ ଦେଶର ଶକ୍ତିକୁ ପ୍ରଦର୍ଶନ କଲା, ଏହା ପ୍ରମାଣ କଲା ଯେ ଯେତେବେଳେ ପବିତ୍ର ସିନ୍ଦୂର ଅଗ୍ନିଶକ୍ତିରେ ପରିଣତ ହୁଏ, ଫଳାଫଳ ନିଶ୍ଚିତ ହୋଇଥାଏ' ବୋଲି ପ୍ରଧାନମନ୍ତ୍ରୀ ଉଦବୋଧନ ଦେଇଥିଲେ। ସେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ମଧ୍ୟ ଦର୍ଶାଇଥିଲେ - ପାଂଚ ବର୍ଷ ପୂର୍ବେ, ବାଲାକୋଟ ବିମାନ ଆକ୍ରମଣ ପରେ, ତାଙ୍କର ପ୍ରଥମ ସାଧାରଣ ରାଲି ରାଜସ୍ଥାନରେ ହୋଇଥିଲା। ସେହିପରି, ସାମ୍ପ୍ରତିକ ସମୟରେ ଅପରେସନ ସିନ୍ଦୂର ପରେ , ତାଙ୍କର ପ୍ରଥମ ରାଲି ପୁଣିଥରେ ରାଜସ୍ଥାନରେ, ବିକାନେରରେ ହେଉଛି, ଯାହା ଏହି ଭୂମିର ଗଭୀର ସାହସ ଏବଂ ଦେଶପ୍ରେମକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

ଶ୍ରୀ ମୋଦୀ ଚୁରୁରେ ତାଙ୍କ ବକ୍ତବ୍ୟକୁ ମନେ ପକାଇ ଦେଶ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ: 'ଏହି ମାଟିର ଶପଥ, ମୁଁ ଦେଶକୁ ପଡ଼ିବାକୁ ଦେବି ନାହିଁ, ମୁଁ ଦେଶକୁ ମୁଣ୍ଡ ନୁଆଁଇବାକୁ ଦେବି ନାହିଁ।' ସେ ରାଜସ୍ଥାନରୁ ଘୋଷଣା କରିଥିଲେ ଯେ, ଯେଉଁମାନେ ପବିତ୍ର ସିନ୍ଦୂରକୁ ଲିଭାଇବାକୁ ଚେଷ୍ଟା କରିଥିଲେ ସେମାନେ ଧୂଳିରେ ପରିଣତ ହୋଇଗଲେ ଏବଂ ଯେଉଁମାନେ ଭାରତର ରକ୍ତ ଢାଳିଥିଲେ ସେମାନେ ଏବେ ଏହାର ପୂର୍ଣ୍ଣ ମୂଲ୍ୟ ଦେଇସାରିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ , ଯେଉଁମାନେ ଭାରତ ଚୁପ୍ ରହିବ ବୋଲି ଭାବିଥିଲେ ସେମାନେ ଏବେ ଲୁଚି ରହିଛନ୍ତି, ଯେତେବେଳେ ଯେଉଁମାନେ ନିଜ ଅସ୍ତ୍ରଶସ୍ତ୍ର ବିଷୟରେ ଗର୍ବ କରୁଥିଲେ ସେମାନେ ଏବେ ଧ୍ୱଂସାବଶେଷ ତଳେ ପୋତି ହୋଇ ରହିଛନ୍ତି। ଅପରେସନ ସିନ୍ଦୂର ପ୍ରତିଶୋଧର କାର୍ଯ୍ୟ ନୁହେଁ, ବରଂ ନ୍ୟାୟର ଏକ ନୂତନ ରୂପ ବୋଲି ଗୁରୁତ୍ୱାରୋପ କରି ସେ ମନ୍ତବ୍ୟ ଦେଇଥିଲେ ଯେ, ଏହା କେବଳ କ୍ରୋଧର ପ୍ରକାଶନ ନୁହେଁ ବରଂ ଭାରତର ଅଟଳ ଶକ୍ତି ଏବଂ ଦୃଢ଼ ସଂକଳ୍ପର ପ୍ରଦର୍ଶନ। ସେ ଦୃଢ଼ତାର ସହିତ କହିଥିଲେ ଯେ, ଦେଶ ଏକ ସାହସିକ ଆଭିମୁଖ୍ୟ ଗ୍ରହଣ କରିଛି, ସିଧାସଳଖ ଏବଂ ନିର୍ଣ୍ଣାୟକ ଭାବରେ ଶତ୍ରୁ ଉପରେ ଆକ୍ରମଣ କରିଛି। 'ଆତଙ୍କବାଦକୁ ଦମନ କରିବା କେବଳ ଏକ ରଣନୀତି ନୁହେଁ ବରଂ ଏକ ନୀତି, ଏହା ହିଁ ହେଉଛି ଭାରତ, ଏହା ହେଉଛି ନୂତନ ଭାରତ', ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ।

ସିନ୍ଦୂର ମାଧ୍ୟମରେ ପ୍ରତିଷ୍ଠିତ ତିନୋଟି ପ୍ରମୁଖ ନୀତି ସମ୍ପର୍କରେ ବର୍ଣ୍ଣନା କରି , ପ୍ରଧାନମନ୍ତ୍ରୀ ପ୍ରଥମ ନୀତି ସମ୍ପର୍କରେ କହିଥିଲେ ଯେ - ଭାରତ ଉପରେ ଯେକୌଣସି ଆତଙ୍କବାଦୀ ଆକ୍ରମଣର ଏକ ନିର୍ଣ୍ଣାୟକ ଜବାବ ଦିଆଯିବ, ଯାହାର ସମୟ, ପଦ୍ଧତି ଏବଂ ସର୍ତ୍ତାବଳୀ କେବଳ ଭାରତର ସଶସ୍ତ୍ର ବାହିନୀ ଦ୍ୱାରା ନିର୍ଣ୍ଣୟ କରାଯିବ। ଦ୍ୱିତୀୟତଃ, ସେ ଦୃଢ଼ତାର ସହିତ କହିଥିଲେ ଯେ ଭାରତ ପରମାଣୁ ଧମକ ଦ୍ୱାରା ଭୟଭୀତ ହେବ ନାହିଁ। ତୃତୀୟତଃ, ସେ ଜୋର ଦେଇ କହିଥିଲେ ଯେ, ପାକିସ୍ତାନର ରାଷ୍ଟ୍ର ଏବଂ ଅଣ-ରାଷ୍ଟ୍ର ଅଭିନେତାଙ୍କ ମଧ୍ୟରେ ପାର୍ଥକ୍ୟକୁ ପ୍ରତ୍ୟାଖ୍ୟାନ କରି ଭାରତ ଆଉ ଆତଙ୍କବାଦର ପୃଷ୍ଠପୋଷକ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ସରକାରଙ୍କ ମଧ୍ୟରେ ପାର୍ଥକ୍ୟ କରିବ ନାହିଁ । ଆତଙ୍କବାଦକୁ ପ୍ରୋତ୍ସାହିତ କରିବାରେ ପାକିସ୍ତାନର ଭୂମିକାର ପର୍ଦ୍ଦାଫାସ କରିବା ପାଇଁ ଚାଲିଥିବା ବିଶ୍ୱସ୍ତରୀୟ ପ୍ରୟାସକୁ ଆଲୋକପାତ କରି, ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ବୈଦେଶିକ ନୀତି ବିଶେଷଜ୍ଞଙ୍କୁ ନେଇ ଗଠିତ ସାତଟି ଭିନ୍ନ ଗୋଷ୍ଠୀ ବିଶ୍ୱ ସମ୍ମୁଖରେ ପାକିସ୍ତାନର ପ୍ରକୃତ ଚେହେରା ଉପସ୍ଥାପନ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି ବୋଲି ସେ ଆହୁରି ମଧ୍ୟ କହିଛନ୍ତି।

# ଆସୁଛି ଝଡ଼ ବାତ୍ୟା !

ଭୁବନେଶ୍ୱର,୨୨।୫(ମହାଭାରତ): ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଓ ଅନ୍ୟାନ୍ୟ ଆନ୍ତର୍ଜାତୀୟ ପାଣିପାଗ ମଡେଲ ଅନୁଯାୟୀ, ମେ ୨୦୨୫ରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହା ଓଡ଼ିଶା ଉପକୂଳକୁ ପ୍ରଭାବିତ କରିପାରେ ଏହି ଝଡ଼, ଯାହାର ନାମ ସମ୍ଭାବ୍ୟ ଭାବେ ଶକ୍ତି ରଖାଯାଇଛି। ମେ ୨୩ରୁ ୨୮ ତାରିଖ ମଧ୍ୟରେ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବାଂଲାଦେଶର ଖୁଲନା ଓ ଚଟ୍ଟୋଗ୍ରାମ ଅଞ୍ଚଳକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଆଇଏମଡି ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପପୁଞ୍ଜ ଏବଂ ଉତ୍ତର ଆଣ୍ଡାମାନ ସାଗରର କିଛି ଅଞ୍ଚଳରେ ପହଞ୍ଚିସାରିଛି ।

## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

..... ପରଦା ଖବର .....

# ଖୁବ୍ ଶୀଘ୍ର ବିବାହ କରିବେ ସାଉଥ୍ ସୁପରଷ୍ଟାର୍



ସାତ ଜନ୍ମର ସାଥୀ ହେବେ ସାଉଥ୍ ସିନେମାର ଲୋକପ୍ରିୟ ଅଭିନେତା ଓ ଅଭିନେତ୍ରୀ । ଦୁହେଁ ବହୁତ ଦିନ ଧରି ଏକାଠି ଅଛନ୍ତି ଏବଂ ଏବେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ପ୍ରଶଂସକ ଏବଂ ବନ୍ଧୁମାନଙ୍କଠାରୁ ତାଙ୍କୁ ଅନେକ ଶୁଭେଚ୍ଛା ମିଳୁଛି। ସେହି ଅଭିନେତା ଓ ଅଭିନେତ୍ରୀ ହେଉଛନ୍ତି ସାଉଥ୍ ସିନେମାର ସୁପରଷ୍ଟାର ବିଶାଲ ଏବଂ ଅଭିନେତ୍ରୀ ସାଇ ଧନଶିକା । ଉଭୟ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି ।ସେ ନିଜେ ଏହି ଖୁସି ଖବର ତାଙ୍କ ପ୍ରଶଂସକଙ୍କ ସହ ଶେୟାର କରିଛନ୍ତି। ୪୭ ବର୍ଷୀୟ ତାମିଲ ଅଭିନେତା ବିଶାଲ ନିକଟରେ ତାଙ୍କ ବିବାହ ଘୋଷଣା କରିଛନ୍ତି। ସେ ତାଙ୍କଠାରୁ ୧୨ ବର୍ଷ ସାନ ସାଉଥ୍ର ଲୋକପ୍ରିୟ ଅଭିନେତ୍ରୀ ସାଇ ଧନଶିକାଙ୍କୁ ବିବାହ କରିବାକୁ ଯାଉଛନ୍ତି। ଦୁହେଁ ବହୁତ ଦିନ ଧରି ପରସ୍ପରକୁ ଡେଟ୍ କରୁଛନ୍ତ। ଏବେ ବିଶାଳ ନିଜେ ସୋମବାର ତାଙ୍କ ବିବାହ ତାରିଖ ଘୋଷଣା କରି ତାଙ୍କ ପ୍ରଶଂସକ ଏବଂ ବନ୍ଧୁମାନଙ୍କ ସହ ଏହି ଖୁସି ଖବର ବାଣ୍ଟିଛନ୍ତି। ସେ ତାଙ୍କର ଆଗାମୀ ଫିଲ୍ମ 'ଯୋଗୀ ଦା'ର ଅଡିଓ ଲ□ ଇଭେଣ୍ଟରେ ଏହି ଘୋଷଣା କରିଛନ୍ତ ।ବିଶାଲ ଏବଂ ସାଇଙ୍କ ବିବାହ ଅଗଷ୍ଟ ୨୯ ତାରିଖରେ ହେବ, ଯାହା ଏକ ବହୁତ ଖାସ୍ ଦିନୟ ଏହି ଦିନ ବିଶାଲଙ୍କ ଜନ୍ମଦିନ । ସେଥିପାଇଁ ସେମାନେ ଏହି ଦିନଟିକୁ ସେମାନଙ୍କ ବିବାହ ପାଇଁ ବାଛିଛନ୍ତ । ପ୍ରଶଂସକ ଏବଂ ଅନେକ ତାରକା ତାଙ୍କୁ ଶୁଭକାମନା ଜଣାଉଛନ୍ତି। ବିବାହ ଘୋଷଣା ପରେ ଉଭୟଙ୍କର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଭିଡିଓରେ ବିଶାଲ ଏବଂ ସାଇ ଧନଶିକା ପରସ୍ପରର ହାତ ଧରି, ଆଲିଙ୍ଗନ କରୁଥିବାର ଦେଖାଯାଉଛି ।ପ୍ରଶଂସକମାନେ ଏହି ଯୋଡ଼ିଙ୍କୁ ବହୁତ ଭଲ ପାଇବା ଦେବା ସହ ସୋସିଆଲ ମିଡିଆରେ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏବେ ପ୍ରଶଂସକମାନେ ତାଙ୍କ ବିବାହକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ସାଇ ଧନଶିକା ସାଉଥ୍ ଚଳଚ୍ଚିତ୍ରର ଜଣେ ଜଣାଶୁଣା ଅଭିନେତ୍ରୀୟ ସେ ପେରନମଇ, ପରଦେଶୀ, କବାଲି, ଦକ୍ଷିଣା ଏବଂ ଆରବନ' ଭଳି ଅନେକ ହିଟ୍ ଫିଲ୍ମରେ କାମ କରିଛନ୍ତି। 'କବାଲୀ' ଫିଲ୍ମରେ ସେ ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ଭୂମିକାରେ ଅଭିନୟ କରିଥିଲେ, ଯାହାକୁ ବହୁତ ପସନ୍ଦ କରାଯାଇଥିଲାୟ ତାଙ୍କର ଆଗାମୀ ଫିଲ୍ମ 'ଯୋଗୀ ଦା', ଏବେ ବିଶାଲଙ୍କ ସହ ତାଙ୍କ ବିବାହ ତାଙ୍କୁ ପୁଣି ଥରେ ଚର୍ଚ୍ଚାକୁ ଆଣିଛି।

## ମଥାରେ ଓଢଣା ଦେଲେ ଦୂରେଇ ରହିଥାଏ ନକରାତ୍ମକ ଶକ୍ତି



ପୂଜାର୍ଚ୍ଚନା ସମୟରେ ମଥାରେ ଓଢଣା ଦେବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଏକାଗ୍ରତା ବୃଦ୍ଧି ପାଇଥାଏ। ପୂଜା ସଫଳ ହେବା ସହ ଶୁଭ ଫଳ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ମନ୍ଦିରକୁ ଗଲେ ସେଠାରେ ମଥାରେ ଓଢଣା ଦେଇ ଭଗବାନଙ୍କୁ ପୂଜାର୍ଚ୍ଚନା କଲେ ଆପଣ ପ୍ରଭୁଙ୍କୁ ଭକ୍ତିର ସହ ଆଦର, ସମ୍ମାନ ଦେଉଛନ୍ତି ବୋଲି କୁହାଯାଏ। ସେହିପରି ପରିବାରର ଗୁରୁଜନଙ୍କ ସମ୍ମୁଖରେ ଓଢଣା ଦେଲେ ତାଙ୍କୁ ସଠିକ ସମ୍ମାନ ଦେଉଛନ୍ତି ବୋଲି ମାନ୍ୟତା ରହିଛି। ମଥାରେ ଓଢଣା ଦେଲେ ନକରାତ୍ମକ ଶକ୍ତି ଆପଣଙ୍କଠାରୁ ଦୂରେଇ ରହିଥାଏ। ବହୁବାର ଦେଖିବାକୁ ମିଳିଥାଏ ଯେ ଅଧିକାଂଶ ସମୟରେ ନାରୀମାନେ ନିଜର ଶାଢୀ ଅଥବା ଚୁନରୀକୁ ବ୍ୟବହାର କରି ମଥାରେ ଓଢଣା ଦେଇଥାଆନ୍ତି। ବିଶେଷ କରି ଭଗବାନଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ମଥାରେ ଓଢଣୀ ଦେବା ନିତ୍ୟାନ୍ତ ଆବଶ୍ୟକ। ମଥାରେ ଓଢଣୀ ଦେବା ପରମ୍ପରା ବହୁ ପୁରାତନ କାଳରୁ ଚଳି ଆସୁଛି।

# ଥଣ୍ଡାରୁ ରକ୍ଷା ପାଇବାର ଉପାୟ



ଘରେ ହେଉ କିମ୍ବା ବାହାରେ, କେହି ଛିଙ୍କିଲେ ପାଖଆଖରେ ଥିବା ଲୋକେ ଭୟଭୀତ ହୋଇଯାଉଛନ୍ତି। ସାମାନ୍ୟ ଥଣ୍ଡା, ସର୍ଦ୍ଦିରୁ ମଧ୍ୟ ରକ୍ଷା ପାଇବାର ସରଳ ଉପାୟ ହେଉଛି ନିଜ ଖାଦ୍ୟପାନୀୟକୁ ନେଇ ସତର୍କ ରୁହନ୍ତୁ।

■ କୋହଲା ପାଗ କିମ୍ବା ବର୍ଷା ହେଲେ, ଥଣ୍ଡା ହେବା ସ୍ୱାଭାବିକ। ନିଜ ଖାଦ୍ୟରେ କେତୋଟି ଦ୍ରବ୍ୟ ସାମିଲ କରିଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବ। ସନ୍ଧ୍ୟା ସମୟରେ ସୁପ୍ ପିଇବାର ଅଭ୍ୟାସ କରନ୍ତୁ। ଅଦା, ରସୁଣ ଛେଚା ମିଶାଇ ପରିବା ସୁପ୍ ନଚେତ୍ ଚିକେନ୍ ସୁପ୍ ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ। ପ୍ୟାକେଟ୍ ସୁପ୍‌ରେ ବିଭିନ୍ନ ପ୍ରକାର ରାସାୟନିକ ତତ୍ତ୍ୱ ମିଶୁଥିବାରୁ ସେସବୁ ପିଇବା ଶରୀର ପାଇଁ ହିତକର ନୁହେଁ ବୋଲି ବିଶେଷଜ୍ଞଙ୍କ ମତ।

■ ସକାଳବେଳା ଲେମ୍ବୁ ପାଣି କିମ୍ବା କମଳା ରସ ପିଇବାର ଅଭ୍ୟାସ କରିବା ଉଚିତ। ଭିଟାମିନ୍ ସି'ଯୁକ୍ତ ଏଇ ପାନୀୟ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଥଣ୍ଡା,ସର୍ଦ୍ଦିରୁ ରକ୍ଷା ମିଳେ।

■ ବଜାରରେ ଓ ଅନ୍-ଲାଇନରେ ଏକପ୍ରକାର କେମୋମାଇଲ ଟି' ମିଳୁଛି। ପୋଷକତତ୍ତ୍ୱ ଭରପୂର ଏହି ଚା' ପିଇଲେ କାଶ, ଛିଙ୍କ ହେଉନଥିବାର ଅନୁଧ୍ୟାନରୁ ପ୍ରକାଶ।

■ ସକାଳ ଜଳଖିଆରେ ଗୋଟିଏ ପାଚିଲା କଦଳୀ ଖାଇବାର ଅଭ୍ୟାସ କରିବା ଉଚିତ। ପୋଟାସିୟମ୍ ଭରପୂର କଦଳୀ ଖାଇଲେ ଆମ ପାଚନ ଶକ୍ତି ଭଲ ହେବା ସହ ଶରୀରକୁ ଭିଟାମିନ୍ ସି' ମଧ୍ୟ ମିଳେ।

# ପରମାତ୍ମା ହିଁ ଶାଶ୍ୱତ ସତ୍ୟ



ଏ ସଂସାରର ଶାଶ୍ୱତ ଏକମାତ୍ର ଶାଶ୍ୱତ ସତ୍ୟ ହେଉଛନ୍ତି ପରମାତ୍ମା । ତାଙ୍କର ଦର୍ଶନ, ସ୍ପର୍ଶ ଏବଂ ତାଙ୍କ ଠାରେ ସ୍ଥିତି ପ୍ରାପ୍ତ ହେବାରୁ ଜୀବ କେତେବେଳେ ସୁଦ୍ଧା ବିଶ୍ରାମ ପାଇନଥାଏ, ଦୁଃଖରୁ ମୁକ୍ତି ଅସମ୍ଭବ ହୋଇଥାଏ । ଶ୍ରୀମଦ୍ ଭଗ୍‌ବତ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବାଂବିଧୋର୍ଜ୍ଜୁନ । ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ୍ ପ୍ରବେଷ୍ଟୁଂ ଚ ପରଂତପ ।।"
ହେ ପରଂତପ ଅର୍ଜ୍ଜୁନ, ଅନନ୍ୟ ଭକ୍ତି ମାଧ୍ୟମରେ, ଅନନ୍ୟ ଅର୍ଥାତ୍ ଅନ୍ୟ କୌଣସି ଦେବା-ଦେବୀଙ୍କ ବିଷୟରେ ଚିନ୍ତା ନକରି ସମ୍ପୂର୍ଣ୍ଣ ଶ୍ରଦ୍ଧାଯୁକ୍ତ ହୋଇ ଯିଏ ମୋତେ (ପରମାତ୍ମା)ଙ୍କୁ ଭଜନ କରିଥାଏ, ତା'କୁ ପ୍ରତ୍ୟକ୍ଷ ଦର୍ଶନ ଦେବା ଲାଗି, ସ୍ପର୍ଶ କରିବା ଲାଗି ଏବଂ ସ୍ଥିତି ପ୍ରଦାନ କରିବା ଲାଗି ସବୁବେଳେ ସୁଲଭ ହୋଇଥାଏ । ତେଣୁ ପରମାତ୍ମାଙ୍କୁ ଭଜୁଥିବା ଜୀବାତ୍ମା ଶାଶ୍ୱତ ସ୍ଥିତି ପ୍ରାପ୍ତ କରିଥାଏ, ଶାଶ୍ୱତ ସ୍ୱରୂପ ପ୍ରାପ୍ତ କରିଥାଏ ଏବଂ ଶାଶ୍ୱତ ପରମଧାମ ପ୍ରାପ୍ତ କରିଥାଏ । ଗୀତା ଆପଣଙ୍କୁ ପରମାତ୍ମ-ସ୍ୱରୂପରେ ସ୍ଥିତି ପ୍ରଦାନ କରିଥାଏ । ସ୍ୱର୍ଗର ପ୍ରଲୋଭନ ଏବଂ ନର୍କର ଭୟ ଦେଖାଇ ଛାଡ଼ିଦେଇନଥାଏ । ଗୀତା ଆପଣଙ୍କୁ ଏପରି ଏକ ଜନ୍ମ ଦେଇଥାଏ, ଯାହା ପଛରେ ମୃତ୍ୟୁ ନଥାଏ। ଏପରି ଶାନ୍ତି ପ୍ରଦାନ କରିଥାଏ, ଯାହା ପଛରେ ଅଶାନ୍ତି ନଥାଏ ।

ସ୍ୱର୍ଗ ଏବଂ ନର୍କ ଏ ସଂସାରର ଦୁଇଟି ଦିଗ । ପ୍ରାରମ୍ଭିକ ସାଧକମାନଙ୍କୁ ସଚେତନ କରିବା ନିମନ୍ତେ ତଥା ପ୍ରୋତ୍ସାହିତ କରିବା ନିମନ୍ତେ ହିଁ ପୁରସ୍କାର ଏବଂ ଦଣ୍ଡସ୍ୱରୂପ ସ୍ୱର୍ଗ କିମ୍ବା ନର୍କର ପରିକଳ୍ପନା କରାଯାଇଛି । କିନ୍ତୁ ସାଧନା ପ୍ରଶସ୍ତ ହେବା ପରେ ଏହାର ଆବଶ୍ୟକତା ରହିନଥାଏ । ଭଗବାନ ସ୍ୱୟଂ ସେହି ସାଧକର ଆଙ୍ଗୁଳି ଧରି ଚଳାଇଥାନ୍ତି । ଯେପରିକି ରାମଚରିତ ମାନସରେ କୁହାଯାଇଛି- "ଉମା ରାମ ସୁଭାଉ ଜିହ୍ନି ଜାନା । ତହି ଭଜନ ତଜି ଭାବ ନ ଆନା ।।"ଯେତେବେଳେ ଭଗବାନଙ୍କ ପ୍ରଭାବ, ତାଙ୍କର ମହିମା, ତାଙ୍କର ସ୍ୱଭାବ ଦେଖିବାକୁ ମିଳିଥାଏ ସେତେବେଳେ ଭଜନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ଗୁଡ଼ିକରେ ଲାଗିନଥାଏ ।

## ଭଗବାନଙ୍କ ମନରୁ ସୃଷ୍ଟି ସପ୍ତର୍ଷି

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, "ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା । ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।।" ଅର୍ଥାତ୍



ସପ୍ତର୍ଷି ମୋର ମନରୁ ଉତ୍ପନ୍ନ ହୋଇଛନ୍ତି ଏବଂ ସେମାନେ ମୋର ହିଁ ବିଭୂତି । ଯେଉଁ ବ୍ୟକ୍ତି ପ୍ରାତଃ କାଳରୁ ଉଠି ଏମାନଙ୍କ ନାମ ଧ୍ୟାନ କରିଥାଏ, ତାହାର ଫଳ ସ୍ୱରୂପ ଉକ୍ତ ବ୍ୟକ୍ତିର ସାରାଦିନ ଉତ୍ସାହ ଏବଂ ଆନନ୍ଦରେ କଟିଥାଏ । ଦିନର ଆରମ୍ଭ ଉତ୍ତମ ହେଲେ ଏହାର ପ୍ରଭାବାରେ ସାରା ଦିନ ଭଲରେ କଟିଥାଏ । ଏଣୁ ସବୁ ପରିସ୍ଥିତିକୁ ଅନୁକୂଳ କରିବା ଲାଗି ଦିନର ପ୍ରାରମ୍ଭ ଭଲ କରିବା ଲାଗି ସର୍ବଦା ଚେଷ୍ଟା କରିବା ଉଚିତ୍ । ସକାଳୁ ଉଠି ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାର କୁହାଯାଇଥିବା ଉପାୟ ଅବଲମ୍ବନ କଲେ ସାରା ଦିନ ଭଲରେ କଟିଥାଏ । ଶାସ୍ତ୍ରରେ ସପ୍ତର୍ଷିଙ୍କ ବିଷୟରେ ଉଲ୍ଲେଖ ରହିଛି । ସେମାନେ ହେଲେ - ବଶିଷ୍ଠ, କଶ୍ୟପ, ଅତ୍ରି, ଯମଦଗ୍ନି, ଗୌତମ, ବିଶ୍ୱାମିତ୍ର ଓ ଭରଦ୍ୱାଜ ।

## ମାଓ ମୁକ୍ତ ଅଭିଯାନ

ମାଓବାଦୀଙ୍କ ଦୁର୍ଗ ଭାବେ ପରିଚିତ ଛତିଶଗଡରେ ଘଂଚ ବନାନୀ ବେଷ୍ଟିତ ବିଜାପୁର ଜିଲ୍ଲାର ଇନ୍ଦ୍ରାବତୀ ନ୍ୟାଶନାଲ ପାର୍କରେ ତଲାସୀ ଅଭିଯାନ ସମୟରେ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷରେ ୩୧ଜଣ ନକସଲ୍ ନିହତ ହେବା ନିଶ୍ଚିତ ଭାବେ ରାଜ୍ୟ ପୋଲିସ ପାଇଁ ଏକ ବଡ ଧରଣର ସଫଳତା ବୋଲି କୁହାଯାଇପାରିବ । କିନ୍ତୁ ଦୁଃଖଦ ଘଟଣା ହେଉଛି ମାଓବାଦୀଙ୍କ ଗୁଳିରେ ପାଂଚଜଣ ଯବାନ ସହୀଦ ହୋଇଛନ୍ତି । ଉଲ୍ଲେଖ କରାଯାଇପାରେ ଯେ, ଗତ ୨୦୨୩ ଡିସେମ୍ବରରେ ଛତିଶଗଡରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାରଙ୍କ ନେତୃତ୍ୱାଧୀନ ବିଜେପି ସରକାର କ୍ଷମତାସୀନ ହେବା ପରେ ମାଓବାଦୀଙ୍କ ବିରୁଦ୍ଧରେ ଧରପଗଡ ଅଭିଯାନକୁ ଯୋରଦାର କରିଛନ୍ତି । ରାଜ୍ୟ ସରକାରଙ୍କ ରିପୋର୍ଟ ଅନୁଯାୟୀ ସୁରକ୍ଷା କର୍ମୀଙ୍କ ଗୁଳିରେ ୨୮୦ରୁ ଅଧିକ ମାଓବାଦ ନିହତ ହୋଇଥିବାବେଳେ ୧୦୦୦ରୁ ଉର୍ଦ୍ଧ୍ୱ ଗିରଫ କରାଯାଇଛି । ସେହିପରି ଏହି ଅବଧି ମଧ୍ୟରେ ୯୨୫ଜଣ ଆତ୍ମସମର୍ପଣ କରିଛନ୍ତି । କେବଳ ଏତିକି ନୁହେଁ, ଚଳିତ ବର୍ଷ ଦେଢମାସ ବ୍ୟବଧାନରେ ଛତିଶଗଡରେ ଚାରିଟି ବଡ ଧରଣର ସେନା ଅପରେସନ ମାଓବାଦୀଙ୍କ ଦୁର୍ଗ ଛାରଖାର କରିଦେଇଛି । ଗତ ଦେଢ ଦଶନ୍ଧି ତଳେ କ୍ୟାଡର ମାଓବାଦୀଙ୍କ ସଂଖ୍ୟା ୧୦ରୁ ୨୦ହଜାର ଥିବାବେଳେ ୨୦୨୫ ବେଳକୁ ଏହି ସଂଖ୍ୟା ୧୦୦୦ତଳକୁ ଖସି ଆସିଥିବା କୁହାଯାଇଛି । ସେହିପରି ଗତ ୨୪ ବର୍ଷ ମଧ୍ୟରେ ୪୬୧୧ ମାଓବାଦୀ ନିହତ ହୋଇଥିବାବେଳେ ୧୬,୩୯୪ ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ସଂଘର୍ଷରେ ମଧ୍ୟ ଏହି ଅବଧି ମଧ୍ୟରେ ୨୦୯୨ ଜଣ ସୁରକ୍ଷା କର୍ମୀ ସହୀଦ ହୋଇଛନ୍ତି । ମାଓବାଦୀ ବସ୍ତର ଅଂଚଳରେ ଏତେ ହିଂସାମୁଖୀ ହୋଇଥିଲେ ଯେ, କିଛି ବର୍ଷ ଳେ ଆଇଇଡି ବିସ୍ଫୋରଣ ସେନା ଗାଡି ଉଡିଯିବା ସହ ୭୫ଜଣ ଯବାନ ସହୀଦ ହୋଇଥିଲେ । ଆହୁରି ମଧ ମାଓବାଦୀଙ୍କ ନୃଶଂସ ଆକ୍ରମଣରେ କଂଗ୍ରେସର ୨୫ଜଣ ତୁଙ୍ଗ ନେତା ନିହତ ହୋଇଥିଲେ । ଯେଉଁମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ସି.ଶୁକ୍ଲାଙ୍କ ସମେତ ପ୍ରଦେଶ କଂଗ୍ରେସ କମିଟିର ବହୁ କର୍ମକର୍ତ୍ତା ଥିଲେ । ଏବେ ଯେଉଁ ମାଓବାଦୀଙ୍କ ବିରୋଧରେ ଅଭିଯାନ ଚାଲିଛି, ସେଥିରେ ରାଜ୍ୟ ପୋଲିସ, ଡିଭିଏଫ, ସୀମା ସୁରକ୍ଷା ବାହିନୀ (ବିଏସଏଫ), କେନ୍ଦ୍ରୀୟ ରିର୍ଜଭ ପୋଲିସ ବାହିନୀ (ସିଆରପିଏଫ), ଭାରତ ତିବତୀୟ ସୀମାନ୍ତ ସୁରକ୍ଷା ବାହିନୀ (ଆଇଟିବିପି) ସାମିଲ ହୋଇଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବୃହତ ସମନ୍ୱୟରେ ଛତିଶଗଡରେ ମାଓ ବିରୋଧି ଅଭିଯାନକୁ ଯୋରଦାର କରାଯାଇଛି । ଏହା ସତ୍ୟ ଯେ, ଗତ ପାଂଚ ଦଶନ୍ଧି ଧରି ନକ୍ସଲଙ୍କ କାର୍ଯ୍ୟକଳାପ ଦେଶର ଆଭ୍ୟନ୍ତରୀଣ ନିରାପତା ପ୍ରତି ବଡ ବିପଦ ଭାବେ ଉଭା ହୋଇଛି । କିନ୍ତୁ ଗତ ୧୫ବର୍ଷ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅଭିଯାନରେ ମାଓଦୁର୍ଗ ଏକ ପ୍ରକାର ଭୁଶୁଡି ପଡିଛି । ଉଲ୍ଲେଖ କରାଯାଇପାରେ ଯେ, ଦେଶର ପ୍ରାୟ ୧୫ଟି ରାଜ୍ୟ ମାଧ ଅଧୁଷିତ ଅଂଚଳ ଭାବେ ପରିଚିତ ଥିଲା । ଛତିଶଗଡ ବ୍ୟତୀତ ଓଡିଶା, ଆନ୍ଧ୍ର, ତେଲେଙ୍ଗାନା, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ମାଓବାଦୀ ଏବେ ବି ସକ୍ରୀୟ ଅଛନ୍ତି । ତେବେ ଛତିଶଗଡ, ମହାରାଷ୍ଟ୍ର ବ୍ୟତୀତ ଅନ୍ୟପକ୍ଷରେ କେତେକ ଅଂଚଳରେ ସେମାନଙ୍କ ସ୍ଥିତି ଅତି ନଗଣ୍ୟ ଥିବା କୁହାଯାଏ । ଓଡିଶାର ଛତିଶଗଡ ସୀମାନ୍ତ ସଂଲଗ୍ନ ମାଲକାନାଗିରି, ତେଲେଙ୍ଗାନା ଓ ଆନ୍ଧ୍ରର ଘଂଚ ପାହାଡିଆ ଅଂଚଳରେ ମାଓବାଦୀ ନିଜର ଉପସ୍ଥିତି ସମୟେ ସମୟେ ଜାହିର କରି ଆସୁଛନ୍ତି । ଏହା ନିସନ୍ଦେହ ଯେ, ରାଜ୍ୟରେ ମାଓବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ପାଇବାରେ ଲାଗିଛି । ଅବଶ୍ୟ ଓଡିଶା ସରକାରଙ୍କ ଥଇଥାନ ଅଭିଯାନରେ ବହୁ ମାଓବାଦୀ ସଂଗଠନ ଛାଡି ସାମାଜିକ ମହାସ୍ରୋତରେ ସାମିଲ ହୋଇଛନ୍ତି । ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅଭିଯାନରେ ନକ୍ସଲ ଦୁର୍ଗ ଏକ ପ୍ରକାଶ ନିଶ୍ଚିହ୍ନ ହୋଇଯାଇଛି । ଉଲ୍ଲେଖ କରାଯାଇପାରେ ଯେ, ୨୦୦୦ ମସିହା ପୂର୍ବରୁ ଦେଶରେ ୨୨୦ର ଅଧିକ ଜିଲ୍ଲା ମାଓ ଅଧୁଷିତ ଅଂଚଳ ଭାବେ ଚିହ୍ନଟ ହୋଇଥିବାବେଳେ ଏବେ ଏହି ଜିଲ୍ଲା ସଂଖ୍ୟା ୪୦କୁ ଖସି ଆସିଛି । କିନ୍ତୁ ୨୦ଟି ଜିଲ୍ଲାରେ ମାଓ ହିଂସା ଲାଗି ରହିଛି । ଏହା ସତ୍ୟ ଯେ, ଦୁର୍ଗମ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ରାସ୍ତାଘାଟର ବିକାଶ ଯୋଗୁଁ ସାଧାରଣ ଲୋକ ମାଓବାଦୀଙ୍କ ସଂଗଠନ ସହ ସମ୍ପର୍କ ଛିନ୍ନ କରିବା ସଂଗଠନକୁ ଦୁର୍ବଳ କରିଦେଇଛି ।

## ନବଦିନ ମୋତେ ନବଯୁଗ ହେଲା ଶ୍ରୀମୁଖ ନଦେଖି ତୋର...

### ପୁଷ୍ପମିତ୍ର ମହାପାତ୍ର

ହେ ମହାବାହୁ, ହେ ପୂର୍ଣ୍ଣବ୍ରହ୍ମ, ହେ ଜଗତ ସ୍ରଷ୍ଟା ସବୁ ତୁମରି ଲୀଳା, ସବୁଠି ତୁମର ମହିମା । ଠିକ ଆମ ସାଂସାରିକ ଜୀବନଚର୍ଯ୍ୟାପରି ତୁମେ ମଧ୍ୟ ସାଂସାରିକ ଲୀଳାରେ ବୁଡ଼ି ରହିଛ । ଭାଇ ଭଉଣୀଙ୍କ ସାଙ୍ଗେ ପତିତପାବନ ଯାତ୍ରାରେ ମାଉସୀ ଘରକୁ ବର୍ଷରେ ଥରୁଟିଏ ଯାତ୍ରା କରି ଯାତ୍ରା ସମାପନ ପରେ ମହାଲକ୍ଷ୍ମୀଙ୍କୁ କିପରି ଶାନ୍ତ କରିବ ସେଇ ଚିନ୍ତା ତୁମ ଠାରେ ରହିଛି । ମନ୍ଦିରରୁ ବାହାରି ଫେରିବା ବାଟରେ ଲକ୍ଷ ଲକ୍ଷ ଭକ୍ତଜନଙ୍କୁ ଦର୍ଶନ ଦେଇ ଫେରୁଛ ନିଜ ନିତ୍ୟଧାମକୁ । ଶ୍ରୀମନ୍ଦିର ଦୈନନ୍ଦିନ ରୀତିନୀତିରେ ନୀଳାଦ୍ରି ବିଜେ ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ନୀତି । ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ । ଶ୍ରୀଜୀଉଙ୍କ ରତ୍ନବେଦୀକୁ ବିଜେ ଗୋଟି ପହଣ୍ଡିରେ ହୋଇଥାଏ । ସନ୍ଧ୍ୟାଧୂପ ନିର୍ବାହ ପରେ ବିଜେ କାହାଳୀ ଗଗନ ପବନ ପ୍ରକମ୍ପିତ କରିଥାଏ । ଠିକ ଗୁଣ୍ଡିଚା ଘରକୁ ଯାତ୍ରା ସମୟରେ ନିର୍ଦ୍ଧାରିତ ନୀତିକାନ୍ତି ସବୁ ସମ୍ପାଦିତ ହୋଇଥାଏ । ବର୍ଷ ବର୍ଷ ଧରି ମନ୍ଦିର ସନ୍ନିକଟ ରାଘବଦାସ ମଠ ଶ୍ରୀଜୀଉଙ୍କ ପାଇଁ ଟାହିଆ ଯୋଗାଇ ଦେଇଥାନ୍ତି । ରତ୍ନସିଂହାସନର ତ୍ରିମୁଣ୍ଡିରେ ଆକର୍ଷଣୀୟ ସୁସଜ୍ଜିତ ଚାନ୍ଦୁଆ ବନ୍ଧା ହୋଇଥାଏ ଅଖଣ୍ଡ ବଇଠା ବସେ । ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ପ୍ରଥମେ ପହଣ୍ଡି ହୋଇ ସିଂହାସନକୁ ଆସନ୍ତି ।

ଶ୍ରୀମନ୍ଦିରର ସତ୍ତ୍ୱଲିପି ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥରୁ ଚାରମାଳ ଉପରକୁ ଓହ୍ଲାଇଲେ ଦେବୀ ମା'ଲକ୍ଷ୍ମୀ ଠାକୁରାଣୀ ଦେବଦାସୀ ସହ ଭେଟ ମଣ୍ଡପ ଠାରେ ଖଟ ଶେଯ ମେକାପ ପକାଇଥିବା ଡମ୍ବରୁ ଉପରେ ବିଜେ କରିଥାନ୍ତି । ରଥରେ ଠାକୁରଙ୍କ ବନ୍ଦାପନା ହେଲେ ଭିତରଚ୍ଛୁ ମହାପାତ୍ର ସେବାୟତ ବନ୍ଦାପନା ନୀତି ନିର୍ବାହ କରନ୍ତି । ଏହାପରେ ମା'ଲକ୍ଷ୍ମୀ ଭଣ୍ଡାର ଘରକୁ ବିଜେ କରନ୍ତି । ଏହାପରେ ଦେବଦାସୀ ଶ୍ରୀଜଗନ୍ନାଥଙ୍କୁ ସିଂହଦ୍ୱାରକୁ ବିଜେ ପୂର୍ବରୁ ଦରଜା ବନ୍ଦ କରିଦେଇଥାନ୍ତି । ମହାପ୍ରଭୁ ସିଂହଦ୍ୱାରକୁ ଆସିଲେ ତାହା ଫିଟାଯାଏ । ଏହାପରେ ମହାପ୍ରଭୁ ଭିତରକୁ ବିଜେ କରନ୍ତି । ପରମ୍ପରା, ସତ୍ତ୍ୱଲିପି ଓ ମାଦଳା ପାଞ୍ଜିର ନୀତିକାନ୍ତି ମୁତାବକ ଦଇତା ଓ ଦେବଦାସୀ ମାନଙ୍କ ମଧ୍ୟରେ ବଚନିକା ଆରମ୍ଭ ହୁଏ ଓ ଦେବଦାସୀମାନେ ଦଇତାଙ୍କୁ ପ୍ରଶ୍ନ ବାଣରେ ଏକ ପ୍ରକାର ଅସ୍ତବ୍ୟସ୍ତ କରିଦିଅନ୍ତି । ଏଠି ସୂଚାଇ ଦେଇପାରୁଛି ମହାପ୍ରଭୁଙ୍କ ପ୍ରତିନିଧିତ୍ୱ ଦଇତାମାନେ କରୁଥିବାବେଳେ, ମା'ଲକ୍ଷ୍ମୀଙ୍କ ପ୍ରତିନିଧିତ୍ୱ ଦେବଦାସୀ କରନ୍ତି । ଠିକ ଓଡ଼ିଆ ଘରର ସାମାଜିକ ରୀତିନୀତି ଓ ସାମାଜିକ ବିଧି ବ୍ୟବସ୍ଥା ପରି ମହାପ୍ରଭୁଙ୍କ ଉପରେ ଅତ୍ୟନ୍ତ କ୍ରୋଧୀ ହୋଇ ମନ ଉଣା କରିଥିବା ମା' ମହାଲକ୍ଷ୍ମୀ କବାଟ ବନ୍ଦ କରିଦେଇଥାନ୍ତି ଏବଂ ଜଗତସ୍ରଷ୍ଟା ପ୍ରଭୁ ଜଗନ୍ନାଥ ମା'ଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ଅତି ପ୍ରେମପୂର୍ଣ୍ଣ ଭାବେ ପ୍ରୟାସ କରିଥାନ୍ତି । ଜଣେ କବିଙ୍କ ଭାଷାରେ – 'ନବଦିନ ମୋତେ ନବଯୁଗ ହେଲା ଶ୍ରୀମୁଁଖ ନଦେଖି ତୋର, ଝୁରି ଝୁରି ଦେହ ଦୁର୍ବଳ ହେଲାଣି ପାଦ ନ ଚଳଇ ମୋର । ନାହିଁ ମୋର ଦୋଷ କାହିଁ ପାଇଁ ରୋଷ କରୁଛ ନୃପତି ଜେମା, ହେଲେ ଅପରାଧ ତୁ କୃପାବାରିଧି ସକଳ କରିବୁ କ୍ଷମା ।' ଏହାଶୁଣି କ୍ରୋଧ ଜର୍ଜ୍ଜରିତା ଲକ୍ଷ୍ମୀ ଠାକୁରାଣୀ କଟୁବାକ୍ୟ ପ୍ରୟୋଗ କରି କହିଛନ୍ତି – 'ଯାଅଯାଅ ଫେରି ନୀଳାଦ୍ରିବିହାରୀ ଭଉଣୀ କି ସଙ୍ଗେ ନିଅ, ଛାଡ଼ିକରି ଗଲେ ଦୁଃଖ କରିବଟି ନନ୍ଦରାଜାଙ୍କର ଝିଅ । ସ୍ତିରୀ ଜନ୍ମ ହୋଇ ଟିକିଏ ତାହାର ମୁଖରେ ନଥାଇ ଲାଜ, ତୁମ୍ଭେ ନ ଯାଉ ସେ ରଥରେ ଚଢ଼ିଣ ଆଗ ହୋଇଥାଏ ସତ ।'

ବାସ୍ତବିକ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥ ଚେତନା ଆମ ଓଡ଼ିଆ ଆଧାତ୍ମିକ ସାହିତ୍ୟକୁ ମଧ୍ୟ ଋଦ୍ଧିମନ୍ତ କରିଛି । ନବଦିନ ବ୍ୟାପୀ ବିଶ୍ୱ ପ୍ରସିଦ୍ଧ ଏବଂ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଦେବା ନିମିତ୍ତ ମାଉସୀ ଘରକୁ ମହାପ୍ରଭୁ ବଡ଼ଭାଇ ଓ ସାନ ଭଉଣୀଙ୍କୁ ଧରି ଯାତ୍ରା କରିଥାନ୍ତି ଅଥଚ ପତ୍ନୀ ଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇ ନଥାନ୍ତି । ମା'ଲକ୍ଷ୍ମୀଙ୍କୁ ସାଥିରେ ନ ନେବାର କାରଣ ମହାପ୍ରଭୁ ବୁଝାଇ ଥାନ୍ତି ଯେ ଅଗ୍ରଜ ବଳଭଦ୍ର ତାଙ୍କ ରଥରେ ସାଥି ହୋଇ ଯାଉଥିବାରୁ ଆମ ସଂସ୍କୃତିରେ ଦେଢ଼ଶୁର ଭାଇବୋହୂ ମଧ୍ୟରେ କଥାବାର୍ତ୍ତା ତ ଦୂରର କଥା, ଦେଖାଚାହାଁର ସାମାଜିକ କଟକଣା ରହିଛି । ଏହି ପରମ୍ପରାକୁ ସାବ୍ୟସ୍ତ କରି ମହାପ୍ରଭୁ ନିଜ ପତ୍ନୀ ମା'ଲକ୍ଷ୍ମୀ ଦେବୀଙ୍କୁ ଅତି ବିନମ୍ର ଭାବେ କୈଫୟତ ରଖିଛନ୍ତି । କବିଙ୍କ ଭାଷାରେ – 'ଜ୍ୟେଷ୍ଠ ସହୋଦର ତୋର ଦେଢ଼ଶୁର ସେ ସଙ୍ଗତେ ଥିଲେ ଯେଣୁ, ଏହିକଥା ଚିତ୍ତେ ବିଚାରିଣ ତୋତେ ସଙ୍ଗତେ ନ ନେଲି ତେଣୁ ।' ମହାପ୍ରଭୁ ମାଉସୀ ମା' ଘରୁ ଫେରିବା ବାଟରୁ ପ୍ରାଣପ୍ରିୟା ପତ୍ନୀ ମା'ଲକ୍ଷ୍ମୀ ଦେବୀଙ୍କ ପାଇଁ ଆଣିଥିବା ରତ୍ନ ଅଳଙ୍କାରକୁ ଗ୍ରହଣ ନକରି ମା'ଲକ୍ଷ୍ମୀ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଏସବୁ ଗୋପପୁରକୁ ପଠାଇ ଦେଇ ବରଂ ଗୋପାଙ୍ଗନା ମାନଙ୍କ ପାଇଁ ପ୍ରେରଣ କରିବାକୁ ଯେଉଁ ପରାମର୍ଶ ଦେଇଛନ୍ତି ତାହା କବିଙ୍କ ଚମତ୍କାର ଭାବନାରେ – 'ଅଳଙ୍କାର ଦେଖି ଚାରୁଚନ୍ଦ୍ରମୁଖୀ ଅନେକ କରିବେ ସ୍ନେହ, ପ୍ରେମରସେ କୋଳ କରି ହେବେ ଭୋଳ ସମର୍ପିବେ ନିଜଦେହ । ତୁମ୍ଭେ ପରା ତାଙ୍କ ନାଟୁଆ ପୁରୁଷ ଗୋପୀମାନେ ତୁମ୍ଭ ଗୁରୁ, ନାସିକା ଫୁଲାଇ ଗୁଣା ଦୋହଲାଇ ଆଖିଠାରୁଥିବେ ଦୂରୁ ।' ନୀଳାଦ୍ରୀ ବିଜେ ବାସ୍ତବିକ ମହାପ୍ରଭୁଙ୍କ ସାମାଜିକ ଓ ଦାମ୍ପତ୍ୟ ଜୀବନର ଏକ ଅନ୍ୟତମ ପ୍ରତିଚ୍ଛବି । ଉପରୋକ୍ତ ଉଦ୍ଧୃତି ଜଣେ ଅଭିମାନିନୀ ପ୍ରାଣପ୍ରିୟା ପତ୍ନୀର ଅର୍ନ୍ତବେଦନା ଭରି ରହିଛି । ତେବେ ପରବର୍ତ୍ତୀ ସମୟରେ ଏଥିରେ ହସ୍ତକ୍ଷେପ କରିଛନ୍ତି ଘରର ମୁରବୀ ଅଗ୍ରଜ ବଳଭଦ୍ର । ସେ ଠିକ ଆମ ଓଡ଼ିଆ ଘରର ଚଳଣୀ ପରି ଭାଇ ବୋହୂର ଦୋଷ ନଧରି ବରଂ ସାନ ଭାଇ ଜଗନ୍ନାଥଙ୍କୁ ତାଙ୍କ ତ୍ରୁଟି ଓ ଅସାମର୍ଥ୍ୟତା ପାଇଁ ଭର୍ତ୍ସନା କରିବାକୁ ପଛାଇ ନାହାଁନ୍ତି । କବି ଲେଖିଛନ୍ତି – 'ଆଉ ଦିନେ ଯେବେ ଘର ଖଡ଼ବଡ଼ କର୍ଣ୍ଣରେ ଶୁଣିବି ମୁହିଁ, ସେହିଦିନ ନିଶ୍ଚେ ଭିନ୍ନ କରିଦେବି ଏଥିରେ ସଂଶୟ ନାହିଁ ।' ବାସ୍, ଏହି ପଦୁଟିଏ ଭର୍ତ୍ସନା ସ୍ୱାମୀଙ୍କ ପ୍ରତି ଶୁଣିବା ପରେ ମା'ଲକ୍ଷ୍ମୀଙ୍କ ମନ ତରଳି ଯାଇଛି । ତାଙ୍କ ହୃଦୟ ଭିତରୁ ସମସ୍ତ ଅହଂକାର, ରାଗ ଓ ଦ୍ୱେଶ ଲିଭିଯାଇଛି । କବାଟ ଫିଟିଛି ଆଉ ମହାପ୍ରଭୁ ଘର ଭିତରକୁ ପ୍ରବେଶ କରି ଲକ୍ଷ୍ମୀ ଠାକୁରାଣୀଙ୍କ ସାମ୍ନାକୁ ଆସିବା ପରେ ଦୁଇଜଣଙ୍କର ପୁର୍ନମିଳନ ହୋଇଥାଏ । ଏହି ମାନ ଭଞ୍ଜନ ନିମିତ୍ତ ପ୍ରେମପୂର୍ଣ୍ଣ ହୃଦୟରେ ମହାପ୍ରଭୁ ତାଙ୍କ ପ୍ରେମିକା ପତ୍ନୀ ଲକ୍ଷ୍ମୀ ଠାକୁରାଣୀଙ୍କୁ ରସଗୋଲା ଖୁଆଇ ଦେଇଥାନ୍ତି । ଏହାର ସ୍ମାରକୀ ଭାବରେ ଶ୍ରୀମନ୍ଦିରରେ ସେ ଦିନ ରସଗୋଲା ଭୋଗର ପରମ୍ପରା ରହିଛି । ତେବେ ବିଚିତ୍ର ଘଟଣାଟି ହେଉଛି ବର୍ଷକ ବାରମାସରେ କେବଳ ଏହି ଗୋଟିଏ ଦିନରେ ହିଁ ରସଗୋଲା ଭୋଗ ହୋଇଥାଏ । ପରବର୍ତ୍ତୀ ସମୟରେ ଦ୍ୱାର ଫିଟା ନୀତି ଆରମ୍ଭ ହୋଇଥାଏ ଏବଂ ଏହି ନୀତିରୁ ହିଁ ଶେଷ ହୋଇଥାଏ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସମସ୍ତ ନୀତିକାନ୍ତୀ । ନୀଳାଦ୍ରି ବିଜେର ପରଦିନ ରତ୍ନବେଦୀରେ ବିଜେ କରିଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଯେଉଁ ଅନ୍ନପ୍ରସାଦ ବା ଅଭଡ଼ା ନୈବେଦ୍ୟ ପ୍ରଦାନ କରାଯାଏ ଏହାକୁ ସମସ୍ତେ ନୀଳାଚଳ ଅଭଡ଼ା ଭାବେ ଜାଣନ୍ତି । ଏଥିରୁ କାଣିଚାଏ ଟିକେ ପାଇବା ପାଇଁ ଭକ୍ତଜନଙ୍କର ଆତୁରତା ରହିଥାଏ ଏବଂ ଏହା ମୋକ୍ଷ ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି । ଏହି ଦିନ ନୀଳାଦ୍ରି ବିଜେର ପହଣ୍ଡି ଗୋଟି ପହଣ୍ଡି ହୋଇଥାଏ ଶ୍ରୀଜୀଉଙ୍କର । ଜଣଙ୍କୁ ସିଂହାସନରେ ଅଧିଷ୍ଠିତ କରାଇବା ପରେ ଆଉ ଜଣଙ୍କୁ ନିଆଯାଏ । ଏତେବେଳେ ଆତସବାଜି ସାଙ୍ଗକୁ ବାଦ୍ୟନାଦରେ ପ୍ରକମ୍ପିତ ହେଉଥାଏ ସମଗ୍ର ବଡ଼ଦାଣ୍ଡ । କିଏ ନିଆଁ ବନାଟି ବୁଲାଉଥାଏ ତ କିଏ ନାଚୁଥାଏ ବିଭିନ୍ନ ଭଙ୍ଗୀରେ । ବଡ଼ଦାଣ୍ଡରେ ଲାଗିଥାଏ ଲୋକ ଗହଳି । ଅଗଣିତ ଭକ୍ତଜନ ମହାପ୍ରଭୁଙ୍କୁ ଏହି ଦିନରେ ଦେଖିବା ପାଇଁ ଯୁଗ ଯୁଗର ପ୍ରାର୍ଥନାର ଫଳ ବୋଲି ବିଶ୍ୱାସ ରହିଛି ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯,
E-mail : niityou001@gmail.com


## ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ...

### କିଶୋର କୁମାର ଜେନା

ଜୀବନ ହେଉଛି ଈଶ୍ୱରଙ୍କର ବ୍ୟକ୍ତରୂପ । ଜୀବନ ଆନନ୍ଦ । ଜୀବନ ହେଉଛି ଆତ୍ମାନନ୍ଦର ପ୍ଲାବନ । ଜୀବନ ହେଉଛି ଏକ ଚେତନାର ସ୍ରୋ । ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ । ସକଳ ବସ୍ତୁରେ ଜୀବନ ବିଦ୍ୟମାନ । ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ । ଖଣ୍ଡିଏ ପଥର ବି ଜୀବନ ରହିଛି । ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣ ରୂପେ ପ୍ରମାଣ କରିସାରିଛନ୍ତି ।

ଜୀବନ ଅଛି ତ ଯନ୍ତ୍ରଣା ନିଶ୍ଚିନ୍ତ ରହିବ । ତେବେ କିପରି ଯନ୍ତ୍ରଣାର କ୍ଷତ କମ ହେବ ଏ ନେଇ ଅନେକ ଆମେ ଧର୍ମଶାସ୍ତ୍ର ଅଧ୍ୟୟନ କରିଥାଉ । ଜୀବନ ଯନ୍ତ୍ରଣା ପ୍ରସଙ୍ଗରେ ଏକ ଛୋଟିଆ କଥାଟି ଏଠାରେ ଉପସ୍ଥାପନ କରୁଛି । ଜଣେ ଅସୁଖୀ ଯୁବକ ଦିନେ ଜଣେ ଜ୍ଞାନୀ ବ୍ୟକ୍ତିଙ୍କୁ ଭେଟି ନିଜର ଦୁଃଖ ଜଣାଇଲେ । କ'ଣ କଲେ ଦୁଃଖ-ଯନ୍ତ୍ରଣା ଦୂର ହେବ ପଚାରିଲେ । ଜ୍ଞାନୀ ଗୋଟିଏ ଗ୍ଲାସ୍ ପାଣିରେ ମୁଠାଏ ଲୁଣ ମିଶାଇ, ତାଙ୍କୁ ପିଇବାକୁ ଦେଲେ । ଯୁବକ ଭାବିଲେ ପରୀକ୍ଷା କରାଯାଉଛି, ସେ ପିଇଦେଲେ । ଲୁଣପାଣିତକ ଢୋକିବା ପାଇଁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଲା । ଜ୍ଞାନୀ ପଚାରିଲେ, କେମିତି ଲାଗିଲା । ଅତି ଖରାପ ଲାଗିଲା ବୋଲି ଯୁବକ ଉତ୍ତର ଦେଲେ । ତହୁଁ ଜ୍ଞାନୀ ବ୍ୟକ୍ତି, ତାଙ୍କୁ ନିକଟରେ ଥିବା ଏକ ମଧୁର ଜଳ ହ୍ରଦ ପାଖକୁ ନେଇଗଲେ । ପାଖରେ ରଖିଥିଲେ ମୁଠାଏ ଲୁଣ । ଲୁଣ ମୁଠାକ ହ୍ରଦ ଭିତରକୁ ଫୋପାଡ଼ି ଦେଇ ହ୍ରଦ, ହ୍ରଦ ପାଣିରୁ ମୁନ୍ଦେ ପିଇବା ପାଇଁ ଯୁବକଙ୍କୁ କହିଲେ । ଯୁବକ ପାଣି ପିଇଲେ କିଛି କଷ୍ଟ ହେଲାନାହିଁ । ବିଚଳିତ ଦୁଃଖୀ ଯୁବକଙ୍କୁ ଜ୍ଞାନୀ କହିଲେ, ପାର୍ଥିବ ଯନ୍ତ୍ରଣା ମୁଠାଏ ଲୁଣ ପରି । ଯନ୍ତ୍ରଣା ଅଧିକ ନୁହେଁ କି କମ୍ ନୁହେଁ । ସବୁବେଳେ ସମାନ । ତେବେ ଯନ୍ତ୍ରଣାରେ ଅନୁଭବ ନିର୍ଭର କରୁଛି, ଆମେ ତାକୁ କେଉଁଠି ରଖିଛେ, ତା ଉପରେ । ଗ୍ଲାସ ପରି ନ ହୋଇ ହ୍ରଦ ପରି ନିଜକୁ ବିସ୍ତାରିତ କର । ଯନ୍ତ୍ରଣା ଅନୁଭୂତ ହେବନାହିଁ । ନିଜକୁ ଯେତେ ଅଧିକ ବିସ୍ତାରିତ କରିବ ବା ଅନ୍ୟ କାର୍ଯ୍ୟରେ ଯେତେ ଅଧିକ ନିୟୋଜିତ ହେବ, ଯନ୍ତ୍ରଣା ସେତିକି କମ୍ ଅନୁଭୂତ ହେବ ।

ଆମେ ପ୍ରତ୍ୟେକେ ହେଉଛୁ ଜଣେ ତୀର୍ଥଯାତ୍ରୀ । ଆମେ ଚାଲିଯିବା ପାଇଁ ଆସିଥାଉଁ । ଈଶ୍ୱର ହିଁ ଆମର ଲକ୍ଷ୍ୟସ୍ଥଳ । ଆମେ ଯେଉଁ ଉତ୍ତରାଧିକାରୀ ହରାଇବସିଛୁ, ଯେଉଁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ସମ୍ପତ୍ତି ବିଷୟ ଆମେ ପାଶୋରି ଯାଇଛୁ, ସେହି ଅଧିକାର, ସେହି ସମ୍ପତ୍ତି ଅନ୍ୱେଷଣ କରିବା ହିଁ ଆମର କାର୍ଯ୍ୟ । ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ମାର୍ଗ ନିର୍ଦ୍ଦେଶ କରିଛନ୍ତି – 'ଈଶ୍ୱରଙ୍କ ସହିତ ଆମର ଅଭିନ୍ନତ୍ୱ ରହିଛି – ଏ ବିଷୟରେ ଏକ ସଚେତନ ଉପଲବ୍ଧି ଜାଗ୍ରତ କରାଇବା ହିଁ ଜୀବନର ପ୍ରଧାନ ମୌଳିକ ଲକ୍ଷ୍ୟ । ଏଥିରୁ ପୃଥକ ହୋଇଗଲେ ଜୀବନର କୌଣସି ଅର୍ଥ ରହେନାହିଁ । ଜୀବନ ଯେତେବେଳେ ପୂର୍ଣ୍ଣ ବା ସାମୂହିକ ହୋଇଯାଏ, ଯେତେବେଳେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇଯାଏ, ସେତେବେଳେ ଜୀବନ ସାର୍ଥକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଯାଏ ।' ଆମେ ଯେଉଁଠାରୁ ଆସିଥାଉ, ସେଠାକୁ ଫେରିଯିବା; ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ । ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତ୍ତିସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ; ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରତ ହୋଇଯିବାକୁ ପ୍ରଜ୍ୱଳିତ, ଆମକୁ ସେହିପରି ସେହି ପରମକାରଣଙ୍କର କୃପା ଲାଭ କରିବା ପାଇଁ, ତାଙ୍କରି ସହିତ ମିଳିତ ହୋଇଯିବା ପାଇଁ ଏହି ଧରାପୃଷ୍ଠରେ ଅବିଶ୍ରାନ୍ତଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିଥାଏ ।

ସାଧୁତା ହିଁ ଜୀବନର ନୀତି ହେଉ । ସାଧୁଜୀବନ ଯାପନ କରୁ । ଧର୍ମମାର୍ଗରୁ ବିଚ୍ୟୁତ ହୁଅନ୍ତୁ ନାହିଁ । ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି – 'ସଦଗୁଣବିହୀନ ଜୀବନ ମନୁଷ୍ୟ ଜୀବନ ହୋଇ ନପାରେ । ନିଃସ୍ୱାର୍ଥପର ସେବାରେ ହିଁ ଜୀବନର ସ୍ୱାଦ ଓ ସରସ୍ୱତା ନିହତ । ବିଶ୍ୱପ୍ରେମ ହିଁ ଜୀବନର ଜୀବିକା ।' ଆପଣ ଯଦି ସମଗ୍ର ମାନବଜାତିର ସେବାରେ ଆତ୍ମନିଯୋଗ କରି ନ ଦିଅନ୍ତି, ଯଦି ସମଗ୍ର ମାନବ ଜାତିକୁ ପ୍ରେମ କରିବାକୁ ଶିଖନ୍ତି, ତେବେ ଜୀବନର ପୂର୍ଣ୍ଣତା ଲାଭ କରିପାରିବେ ନାହିଁ, ବଞ୍ଚିବାର ପୂର୍ଣ୍ଣ ତାତ୍ପର୍ଯ୍ୟ ଉପଲବ୍ଧି କରିପାରିବେ ନାହିଁ । ଜନସେବା ଓ ଭଗବତ ଭକ୍ତିରେ ହିଁ ପ୍ରକୃତ ଜୀବନର ରହସ୍ୟ ନିହିତ । ଅପରକୁ ସାହାଯ୍ୟ କରିବା ଲାଗି ଜୀବନ ଧାରଣ କରନ୍ତୁ । ସେହିପରି ଜୀବନ ଯାପନ କଲେ ହିଁ ଆପଣଙ୍କ ଭିତରେ ଦିବ୍ୟଶକ୍ତିର ସ୍ରୋତ ସଞ୍ଜୀବନୀ ଶକ୍ତି ହୋଇ ପ୍ରବାହିତ ହେବ । ଜୀବନକୁ ନିତ୍ୟାନନ୍ଦମୟ କରିଦିଅନ୍ତୁ । ସତ୍ୟରୁ ଆନନ୍ଦ ଲାଭ କରନ୍ତୁ । ତପଃରୁ ଆନନ୍ଦ ଲାଭ କରନ୍ତୁ । ପ୍ରତ୍ୟେକଟି ଦିନକୁ ଜୀବନର ଅନ୍ତିମ ଦିବସ ବୋଲି ଗ୍ରହଣ କରି ଦିନର ପ୍ରତିଟି ମୁହୂର୍ତ୍ତ ପ୍ରାର୍ଥନା, ଧ୍ୟାନ ଓ ସେବାରେ ନିୟୋଜିତ କରନ୍ତୁ । ଆପଣଙ୍କ ଜୀବନ ଭଗବତ ପଦାରବିନ୍ଦରେ ଏକ ନିୟତ-ଉତ୍ସର୍ଗରେ ପରିଣତ ହୋଇଯାଉ । ଜୀବନ ପ୍ରସଙ୍ଗରେ ଆଲୋଚନା ରଖିବାବେଳେ ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡିଟି ମନେପଡୁଛି – 'ମାନବ ଜୀବନ ଭାସେ ଦୁଃଖ ସମୁଦ୍ରରେ, ଜନମ କାଳରେ ଦୁଃଖ, ଦୁଃଖ ଶୈଶବରେ, ଯୌବନରେ ଅଛି ଦୁଃଖ ବାର୍ଦ୍ଧକ୍ୟେ, ମରଣେ । ମହାଦୁଃଖଚକ୍ରେ ଆବର୍ତ୍ତିତ ଲୋକଗଳେ ।'


ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ :
୭୩୨୫୯୦୪୯୨୭/୭୩୭୭୪୩୯୦୭୭
E-mail : kishorekumarjena.adv@gmail.com


## ସାଇ ଅନୁଭୂତିରେ ଜଣେ ଦେଶ ସେବକ

### ଯଯାତି କେଶରୀ ନାୟକ

ଅକ୍ଟୋବର ମାସ ୨୦୦୧ ମସିହା ମୋର ବୟସ ସେତେବେଳକୁ ଅଠର ବର୍ଷ । ମୁଁ ସେହି ସମୟରେ ବଏସ୍‌ସି ଦ୍ୱିତୀୟ ବର୍ଷରେ ପଢୁଥାଏ । ମୋର ପିତାଙ୍କର ଦେହାନ୍ତ ୨୦୦୦ ମସିହା ନଭେମ୍ବର ମାସରେ ହୋଇଥିଲା । ମୋର ପିତା ଜଣେ ସରକାରୀ କର୍ମଚାରୀ ଭାବେ ପୋଷ୍ଟ ଅଫିସରେ କାର୍ଯ୍ୟରତ କରୁଥିଲେ । ତାଙ୍କର ଦେହାନ୍ତ ପରେ ଆମ ପରିବାରରେ ଶୋକର ଛାୟା ଖେଳିଗଲା । ମୋର ବୟସ ସେତେବେଳକୁ ସତର ବର୍ଷ ଏବଂ ମୋର ଭାଇକୁ ବାର ବର୍ଷ । ମୁଁ ଘରେ ବଡ଼ ଥିବାରୁ ଘରର ସବୁ ସୁବିଧା ଅସୁବିଧା ମୋତେ ଦେଖିବାକୁ ପଡ଼ିଥିଲା । ମୁଁ ଅଧିକାଂଶ ସମୟରେ ମାଙ୍କର ଲୁହ ପୋଛିବାରେ ଏବଂ ତାଙ୍କ ମନରେ ଖୁସି ଆଣିବାକୁ ଚେଷ୍ଟା କରୁଥିଲି । ମୋର ପାଠ ପଢ଼ିବା ପାଇଁ ଅର୍ଥର ଅଭାବରୁ ମୁଁ ସନ୍ଧ୍ୟା ଏବଂ ସକାଳେ ହାଇସ୍କୁଲ ବିଦ୍ୟାର୍ଥୀ ମାନଙ୍କୁ ଘରୋଇ ଶିକ୍ଷା ଦେଉଥିଲି ଏବଂ ସେଥିରୁ ଆୟ ଟଙ୍କା ମୋର ପାଠ ପଢ଼ିବା ସହ ଘରଖର୍ଚ୍ଚ ମଧ୍ୟ ହେଉଥିଲା ।

୧୯୯୯ ମସିହା କାରଗିଲ ଯୁଦ୍ଧ ସମାପ୍ତ ପରେ ଭାରତରେ ସେନାରେ ସେବା ନିବୃତ୍ତ ଲାଗି ଦେଶରେ ଚାରିଆଡ଼େ ଭର୍ତ୍ତି ରାଲି ଚାଲୁଥିଲା । ମୋର ବନ୍ଧୁମାନେ ମଧ୍ୟ ସେ ରାଲିକୁ ସେନାରେ ଭର୍ତ୍ତି ହେବା ଲାଗି ଯାଉଥିଲେ । ମୋର ଭାରି ଇଚ୍ଛା ଥିଲା ଭାରତୀୟ ସେନାରେ ସୈନ୍ୟ ହେବାକୁ ଏବଂ ସୈୟନିକ ପୋଷାକ ପିନ୍ଧିବାକୁ । ଏହି ଇଚ୍ଛାବୃତ୍ତି ମୋତେ ଟାଣି ନେଲା ସେଇ ରାଲି ନିକଟକୁ । ଓଡ଼ିଶା ରାଜ୍ୟ ପାଇଁ ଭର୍ତ୍ତି ରାଲି କଟକରେ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଥିଲା । ମୁଁ ରାଲିର ଗୋଟିଏ ଦିନ ପୂର୍ବରୁ ମୋର ବନ୍ଧୁ ମାନଙ୍କ ସହିତ ବାହାରିଗଲି ସେନା ବିଭାଗରେ ଭର୍ତ୍ତି ହେବାକୁ । ସାଙ୍ଗରେ ଥାଏ ଗୁରୁଜନ ମାନଙ୍କ ଆଶୀର୍ବାଦ, ପରମେଶ୍ୱରଙ୍କ କୃପା ଏବଂ ଅନ୍ୟମାନଙ୍କର ସ୍ନେହ ।

ମୁଁ ଯେତେବେଳେ ହାଇସ୍କୁଲରେ ପଢୁଥିଲି ମୁଁ ଆଉ ମୋର ସମସ୍ତ ପରିବାର ପ୍ରଭୁ ଶ୍ରୀ ସତ୍ୟସାଇ ବାବାଙ୍କର ଶରଣାଗତ ଥିଲୁ । ମୁଁ ସତ୍ୟସାଇ ବାବାଙ୍କର ଭଜନ ସବୁଦିନ ସନ୍ଧ୍ୟାରେ କରୁଥିଲି ଏବଂ ବାବାଙ୍କର ପ୍ରତ୍ୟେକ ରାଲି ଏବଂ ସତ୍‌ସଙ୍ଗରେ ଯୋଗଦାନ କରୁଥିଲି । ମୋର ସତ୍ୟସାଇ ବାବାଙ୍କ ଉପରେ ସମ୍ପୂର୍ଣ୍ଣ ଭରଷା ଥିଲା ଏବଂ ବାବାଙ୍କର ମହିମା ମୋର ଜୀବନ କାଳରେ ଅନୁଭବ କରୁଥିଲି । କିନ୍ତୁ ମୁଁ ଯାହା କହିବାକୁ ଯାଉଛି ଏହା ଥିଲା ମୋ ପାଇଁ ଏକ ବଡ଼ ମହିମା । ମୁଁ ମୋର ବନ୍ଧୁମାନଙ୍କ ସହିତ କଟକରେ ପହଞ୍ଚିଲି ରାଲିର ପୂର୍ବଦିନ ରାତିରେ । ମୋ ପାଇଁ କଟକ ସହର ଏକ ନୂଆ ଅନୁଭୂତି ଥିଲା । ଏବଂ ମୁଁ ଡରି ଡରି ରହୁଥିଲି । ଯେମିତି ହେଉ ରାତି ପାହିଲା ପରେ ସଖାଳୁ ସ୍ନାନ କରି ଯାଇ ରାଲିରେ ଯୋଗ ଦେଲି । ହଜାର ହଜାର ସଂଖ୍ୟାର ପରୀକ୍ଷାର୍ଥୀ ଆସିଥାନ୍ତି । ସମସ୍ତଙ୍କର ଉଚ୍ଚତା ଏବଂ ସାର୍ଟିଫିକେଟ ପରୀକ୍ଷା ହେବା ପରେ ଦୌଡ଼ ପ୍ରତିଯୋଗିତା ଏବଂ ବ୍ୟାୟାମ ପ୍ରତିଯୋଗିତା ଥାଏ । ପ୍ରାୟତଃ ଆମେ ଚାଳିଶ ଜଣ ପରୀକ୍ଷାର୍ଥୀ ସୈନ୍ୟ ବିଭାଗର ଟେକ୍ନିକାଲ ପୋଷ୍ଟ ପାଇଁ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଲୁ । ଦୌଡ଼ ପ୍ରତିଯୋଗିତା ଆରମ୍ଭ ହେଲା ପରେ ସମସ୍ତେ ଖୁବ୍ ତୀବ୍ର ଭାବେ ଲକ୍ଷ୍ୟ ସ୍ଥଳ ଆଡ଼କୁ ଦୌଡ଼ିଲେ । ମୋର ଦୌଡ଼ରେ ଅଭ୍ୟାସ ନଥିବାରୁ ମୁଁ କିଛି ଦୂର ଦୌଡ଼ିଲା ପରେ ହାଲିଆ ହୋଇପଡ଼ିଲି । ମୁଁ ସମସ୍ତଙ୍କ ପଛରେ ଦୌଡୁଥାଏ । ମୋର ମନୋବଳ ଭାଙ୍ଗି ପଡ଼ିଲା । ମୁଁ ନିରାଶ ହୋଇଯାଇଥିଲି । ହଠାତ୍ ମୋତେ କେହି ଜଣେ କହିଲେ ନାହିଁ ତୁମେ ନିରାଶ ହୁଅନାହିଁ ଆଗକୁ ଦେଖ ଏବଂ ଦୌଡ଼ି ଚାଲ ତୁମେ ନିଶ୍ଚୟ ସଫଳ ହେବ । ହଠାତ୍ ମୋ ଶରୀର ଭିତରେ ଏକ ଫୁର୍ତ୍ତି ଜାଗ୍ରତ ହେଲା ଏବଂ ମୁଁ ଦୌଡ଼ିବାକୁ ଲାଗିଲି । ଶେଷରେ ମୁଁ ସେହି ଲକ୍ଷ୍ୟ ସ୍ଥଳକୁ ସମୟସୀମା ମଧ୍ୟରେ ପହଞ୍ଚି ଯାଇଥିଲି । ସେତେବେଳେ ମୋ ମନରେ ଯେଉଁ ଆନନ୍ଦ ଥିଲା ମୁଁ ତାହା ପ୍ରକାଶ କରିପାରୁନି । ସବୁଥିଲା ସେହି ବାବାଙ୍କର କୃପା । ମୁଁ ପ୍ରତ୍ୟେକ ପ୍ରତିଯୋଗରେ ସଫଳ ହେଲା ପରେ ବାବାଙ୍କ ସହକୃପାରୁ ୧୬ ଜାନୁଆରୀ ୨୦୦୨ରେ ଜଣେ ଟେକ୍ନିକାଲ ସୈନିକ ଭାବେ ଭାରତୀୟ ସେନାରେ ଭର୍ତ୍ତି ହେଲି ଏବଂ ଟ୍ରେନିଂ ପାଇଁ ସିକନ୍ଦରାବାଦକୁ ଗଲି । ବାବାଙ୍କର କୃପା ଯୋଗୁ ମୁଁ ଆଜି ସଫଳ ବ୍ୟକ୍ତି ଭାବେ ଗର୍ବର ସହିତ ଦେଶ ସେବା କରୁଛି ।


ବିଞ୍ଝାରପୁର, ଯାଜପୁର


## ଆମ ମାନସିକ ଚେତନାରେ ଶ୍ରୀମନ୍ଦିରର ବାଇଶି ପାହାଚ

### ପ୍ରଫେସର ଡାକ୍ତର ସମ୍ରାଟ କର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ଶ୍ରୀମନ୍ଦିରର ବାଇଶି ପାହାଚରେ ଭରି ରହିଛି ଅନେକ ଦିବ୍ୟମହତ୍ୱ ଯାହା ଆମ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଭାବ ନଟେଇରେ ତେଲ ଲୁଣର ଟଣାଟଣି ଅଭାବୀ ସଂସାରକୁ ନେଇ ଯେତେବେଳେ ଜଣେ ହା ହୁତାଶ ହୋଇପଡ଼େ ସେ ଖୋଜିଥାଏ ମହାପ୍ରଭୁଙ୍କ କରୁଣା ବାରିଟିକିଏ ଆଉ ସେଇଥିପାଇଁ ଛୁଟି ଯାଏ ଶ୍ରୀକ୍ଷେତ୍ର ପୁରୀ । ଅନେକଙ୍କ ଭିତରେ ଏହି ଆତ୍ମ ପ୍ରତ୍ୟୟ ସୃଷ୍ଟି ହୋଇଥାଏ ଯେ ବାଇଶି ପାହାଚ ଅତିକ୍ରମ କରିବା ସହ ଭଗବାନ ଭକ୍ତଜନଙ୍କ ବାଇଶିଟି ଦୁଃଖକୁ ଯେପରି ଲାଘବ କରିଦିଅନ୍ତି । କେବଳ ମହାପ୍ରଭୁଙ୍କୁ ଦର୍ଶନ ନିମିତ୍ତ ଏହି ବାଇଶି ପାହାଚଟି ଗନ୍ତବ୍ୟର ବାଧବାଧକତା ତାହା ନୁହେଁ ବରଂ ଏହି ବାଇଶି ପାହାଚରେ ଟିକିଏ ବସିପଡ଼ିଲେ ଦେହ ଓ ମନ ଭିତରେ ଭରିଯାଏ ଅଫୁରନ୍ତ ଧୈର୍ଯ୍ୟ ଓ ଆନନ୍ଦର ଫଲଗୁ ।

ବାଇଶି ପାହାଚର ନାମକରଣକୁ ନେଇ ଅନେକ ପ୍ରସଙ୍ଗ, ଆଲେଖ୍ୟ ଓ କଥନିକା ପୁରାଣ ଓ ପୁସ୍ତକରେ ଲିପିବଦ୍ଧ ରହିଛି । କେହି କେହି ଏହାକୁ ଭୂଃ, ଭୂବଃ, ସ୍ୱଃ, ମହ, ଜନ, ତପଃ ଓ ସତ୍ୟ ଏହି ସପ୍ତଲୋକ ଅତଳ, ସୁତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ ସପ୍ତତଳ ଓ କୈବଲ୍ୟ ବୈକୁଣ୍ଠ ଶ୍ରୀବୈକୁଣ୍ଠ ପରମ ବ୍ୟୋମ ବୈକୁଣ୍ଠ, ବିଶ୍ୱବେଶ ବୈକୁଣ୍ଠ, ଶେଷ ଗାୟତ୍ରୀ ବୈକୁଣ୍ଠ, କରୁଣାର୍ଣ୍ଣବ ବୈକୁଣ୍ଠ, ଗର୍ହୋଦୟକ ଶାୟୀ ବୈକୁଣ୍ଠ, କୈଳାସ ବୈକୁଣ୍ଠ ଏହି ଅଷ୍ଟ ବୈକୁଣ୍ଠର ପ୍ରତୀକ ବୋଲି କହିଥାନ୍ତି । ସେହିପରି ପୁରାଣ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି ଯେ ପଞ୍ଚଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମଇନ୍ଦ୍ରିୟ, ପଞ୍ଚତନ୍ମାତ୍ର, ମନ ତଥା ବୁଦ୍ଧିର ସମଷ୍ଟି ହେଉଛି ଏହି ବାଇଶି ପାହାଚ । ଅନେକ ଭକ୍ତଜନ ଏହାକୁ ବାଇଶିଟି ତୀର୍ଥଭୂମିର ସ୍ୱରୂପ ବୁଝିଥିବାବେଳେ ଆଉ କେହି କେହି ବାଇଶିଟି ଭାବ ଓ ବାଇଶିଟି ତତ୍ତ୍ୱ ସମ୍ପର୍କରେ ମଧ୍ୟ ନିଜ ବିଶ୍ୱାସ ରଖନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ଏହା କେବଳ ମହାପ୍ରଭୁଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ନୁହଁ ସମସ୍ତ ମାନବ ସମାଜ ପାଇଁ ନିଜ ଭିତରୁ ପଞ୍ଚରସ, ଅଷ୍ଟ ତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରିଶକ୍ତି ଓ ତ୍ରିଗୁଣ ମିଶାଇଲେ ଯାହାର ସଂଖ୍ୟା ହେଉଛି ବାଇଶି, ଏହି ପଞ୍ଚମନ ଓ ସପ୍ତବିକାର ଭଳି ଖରାପ ଗୁଣକୁ ତ୍ୟାଗ କରି ମହାପ୍ରଭୁଙ୍କ କୃପା ପ୍ରାର୍ଥୀ ହେବା ପାଇଁ ଏହି ବାଇଶି ପାହାଚ ହିଁ ସମଗ୍ର ମଣିଷ ସମାଜକୁ ଶିକ୍ଷା ଦେଇଥାଏ ।

ବାଇଶି ପାହାଚର ଅଧିଷ୍ଠାତ୍ରୀ ଦେବୀଗଣ ହେଲେ ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତିଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା । ଭକ୍ତ ବଳରାମ ଦାସ ତାଙ୍କର ଗୁପ୍ତ ଗୀତାରେ ରଚନା କରିଛନ୍ତି ବାଇଶି ପାହାଚରେ ରହିଛି ଅନେକ ପବିତ୍ରତା ଓ ତତ୍ତ୍ୱ । ଶ୍ରୀଜଗନ୍ନାଥଙ୍କ କରୁଣା ଲାଭ ନକଲେ ଭକ୍ତ ବାଇଶି ପାହାଚକୁ ଅତିକ୍ରମ କରି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିପାରିବ ନାହିଁ । ଓଡ଼ିଆ ଆଧାତ୍ମିକ ବିଶ୍ୱାସ ସହିତ ମାନସିକତାରେ ଏହି ବାଇଶି ପାହାଚର ଚେତନା ଅତିବ ଗୁରୁତ୍ୱପୂର୍ଣ୍ଣ । ବାଇଶି ପାହାଚରେ ଛୋଟ ପିଲାଙ୍କୁ ବିଶ୍ୱାସର ସହିତ ଗଡ଼ାଇ ଦେଲେ ସେମାନଙ୍କର ଆୟୁ ବୃଦ୍ଧି ହୋଇଥାଏ ଏବଂ ଏହି ବାଇଶି ପାହାଚରେ ରହିଥିବା ଯମଶୀଳାକୁ ଭକ୍ତଜନ ସ୍ପର୍ଶ କରି ମହାପ୍ରଭୁଙ୍କୁ ଦର୍ଶନ କଲେ କୌଣସି ପରିସ୍ଥିତିରେ ସେମାନଙ୍କୁ ଅକାଳ ମୃତ୍ୟୁ ହୋଇନଥାଏ । ଏହି ପାହାଚରେ ଆତଯାତ ହେଉଥିବା ଭକ୍ତଜନଙ୍କ ପବିତ୍ର ପାଦଧୂଳିକୁ ମୁଣ୍ଡରେ ସ୍ପର୍ଶ କରି ଶ୍ରୀଜୀଉଙ୍କୁ ଦର୍ଶନ ଲାଭ ପରେ ସେହି ବ୍ୟକ୍ତିମାନଙ୍କର ଜୀବନରେ ପରଲୋକ ପରେ ବୈକୁଣ୍ଠ ପ୍ରାପ୍ତ ହୋଇଥାଏ । ସୁତରାଂ ଫୁଟ ଲମ୍ବ ଛଅଫୁଟ ଓସାର ଓ ଛଅ ଇଞ୍ଚ ଉଚ୍ଚତାର ଏହି ପାହାଚ ବଉଳମାଳ ପଥରରେ ତିଆରି । ପିତୃପକ୍ଷ ଓ ଅମାବାସ୍ୟା ଦିନ ଏହି ବାଇଶି ପାହାଚରେ ଶ୍ରାଦ୍ଧ ଦିଆଯାଇଥାଏ । ଶ୍ରୀଜୀଉଙ୍କର ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରାକୁ ଯିବା ପୂର୍ବରୁ ଏହି ବାଇଶି ପାହାଚରେ ଯେଉଁ ପହଣ୍ଡି ବିଜେ ହୋଇଥାଏ ତାହା ବାସ୍ତବିକ ଅବର୍ଣ୍ଣନୀୟ । ଭକ୍ତଙ୍କ ସହିତ ଟିକିଏ ମିଶି ସେମାନଙ୍କୁ କୃପା ଦର୍ଶନ ଦେବା ନିମିତ୍ତ ଶ୍ରୀଜୀଉ ଆସିଥାନ୍ତି ବଡ଼ଦାଣ୍ଡ । ସର୍ବୋପରି ଓଡ଼ିଆ ବିଶ୍ୱାସ ଓ ଭାବ ଚେତନାରେ ବାଇଶି ପାହାଚର ମାହାତ୍ମ୍ୟ ଓ ଅନୁଭବର ପୁଲକ ସ୍ୱତନ୍ତ୍ର ଓ ଦିବ୍ୟ ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି । ସେଇଠି ନାହିଁ ମୃତ୍ୟୁର ଭାବନା, ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା । ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜ୍ଜସ୍ୱଳ କରି ରଖେ । ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ । ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ । ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି ।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

## ବାରାହା ମାଂସ ରୋଷେଇ ବେଳେ ୨ ଗିରଫ

କରଞ୍ଜିଆ, (ମହାଭାରତ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନ କର୍ମଚାରୀ ମାନେ ଗୁରୁବାର ଦିନ ଜଙ୍ଗଲ ରୁ ବାରାହା ଶିକାର କରି ମାଂସ କୁ ଘରେ ଆଣି ରୋଷେଇ କରୁଥିବା ବେଳେ ବନ କର୍ମଚାରୀ ମାନେ ୨ ଜଣକୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି ।ସେମାନଙ୍କ ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତ କୁ ପଠାଯାଇଛି ।କୋର୍ଟ ଚାଲାଣ ହୋଇଥିବା ୨ ଜଣ ହେଲେ ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ କିରିକିଚିପାଳ ଗ୍ରାମ ର ଗୌତମ ଦାସ ,ସଂଜୟ କୁମାର ଦାସ ବୋଲି ଜଣାପଡିଛି । ବିଶେଷ ସୂତ୍ରରୁ ସୂଚନା ପାଇ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ଚମ୍ପାଝର ଫୋରେଷ୍ଟର ବନ୍ଦନା ମହାନ୍ତ, ଠାକୁରମୁଣ୍ଡା ଫୋରେଷ୍ଟର ବିଦ୍ୟାଧର ମହାନ୍ତ, ଫୋରେଷ୍ଟ ଗାର୍ଡ ସୁଶାନ୍ତ କୁମାର ପଲେଇ, ଚିତ୍ତରଞ୍ଜନ ନାଏକ ସମେତ ଅନ୍ୟ ବନକର୍ମଚାରୀ ମାନେ ଗ୍ରାମକୁ ଯାଇ ଏହି ୨ ଜଣଙ୍କ ଘରେ ଚଢ଼ାଉ କରିଥିଲେ । ବନ କର୍ମଚାରୀ ମାନେ ଗୌତମ ଦାସ ଙ୍କ ଘରୁ ୫୫୦ ଗ୍ରାମ ଓ ସଞ୍ଜୟ କୁମାର ଦାସ ଙ୍କ ଘରୁ ୩୫୦ ଗ୍ରାମ ଓଜନ ର ଅଧା ସିଝା ରନ୍ଧା ମାଂସ ଜବତ କରିଥିଲେ ।ଏଥି ସହିତ ବ୍ୟବହୃତ ରୋଷେଇ ସାମଗ୍ରୀ,ଧନୁ ତୀର, ଓଜନ ପାଇଁ ଥିବା ତରାଜୁ,ଫାସ କୁ ଜବତ କରିଥିଲେ ।ଏ ସଂକ୍ରାନ୍ତରେ କେଶ ନମ୍ବର ୨୯/୨୦୨୫-୨୬ ଅନୁଯାୟୀ ଠାକୁରମୁଣ୍ଡା ବନ ବିଭାଗ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ।

## ଧାନ, ଜୈବିକ ସାର, ବିହନ ଉପରେ ଚାଷୀଙ୍କୁ ସଚେତନତା

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସୀମାଦ୍ରୀ ଆପନା ଫଙ୍କସନ ହଲ ପରିସରରେ ଆନ୍ତର୍ଜାତୀକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଚାଷୀଙ୍କୁ ସଚେତନତା କରିବା ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଅନୁପ ପଣ୍ଡା, ସିନିୟର ତଥା ହରିହର ସେଠ,କୃଷକ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ,ନାବାର୍ଡ ର ପ୍ରତୀକ ପଣ୍ଡା, ନୃସିଂହ ଚରଣ ବେହେରା ଓ ପଙ୍କଜ କୁମାର ନାୟକ ପ୍ରମୁଖ ମଞ୍ଚାସିନ ଥିଲେ । ଅତିଥିଙ୍କ ଦ୍ଵାରା ପ୍ରଦୀପ ପ୍ରଜ୍ଵଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ଵାଗତ କରାଯାଇ ଥିଲା ।ରଶ୍ମିତା ସାମଲ ଅତିଥି ପରିଚୟ ଓ ଅତିଥି ମାନଙ୍କୁ ସ୍ଵାଗତ କରିଥିଲେ ।ଏଫ ଏ କ୍ୟୁ ମାନର ଧାନ, ସାର, ଉତ୍ତମ ଧାନବିହନ, ସରକାର ସବସିଡି ମାଧ୍ୟମରେ ଯୋଗାଇ ଦେଉଥିବା କୃଷି ଯନ୍ତ୍ରପାତି ଓ ବିଭିନ୍ନ ଯୋଜନାରେ ଚାଷୀଙ୍କୁ ଋଣ ପ୍ରଭୃତି ବିଷୟରେ ଚାଷୀଙ୍କୁ ସଚେତନତା କରାଇଥିଲେ ।ବିଭିନ୍ନ ଉଲ୍ଲେଖନିୟ କାର୍ଯ୍ୟ କରିଥିବା ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀ ମାନଙ୍କୁ ଅତିଥି ମାନଙ୍କ ଦ୍ଵାରା ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ସମବାୟ ସମିତିର ସମ୍ପାଦକ ଏ ରାମ ପ୍ରସାଦ, ବାବୁଲି ସାମଲଙ୍କ ସମେତ ଲ୍ୟାମ୍ପସର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ରଶ୍ମିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ରନ୍ଧା ମଦ ଜବତ: ୫ ଗିରଫ

ରାଇରଙ୍ଗପୁର, (ମହାଭାରତ): ବେଆଇନ ମଦ କାରବାରକୁ ରୋକିବା ଏବଂ ମଦ ମାଫିଆଙ୍କୁ ସ୍ଵାଡ କରିବା ପାଇଁ ରାଇରଙ୍ଗପୁର ଅବକାରୀ ବିଭାଗ କଠୋର ହୋଇଛି । ରାଇରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ଶ୍ରୀ ବିନୟ ପ୍ରକାଶ ତୀର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ଵତନ୍ତ୍ର ଟିମ ଦ୍ଵାରା ବାଦାମପାହାଡ଼ ଥାନା ଅନ୍ତର୍ଗତ ଜୟପୁର, କୁସୁମୀ, ସୁଳିଡୁମା, ଛଣୁଆ ଓ ବର୍ଗୀମରା ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୮୭ ଲିଟର ଦେଶୀ ରନ୍ଧା ମଦ ଜବତ ସହିତ ମୋଟ ୦୫ ଜଣଙ୍କୁ ଗିରଫ କରାଯାଇଛି କ୍ଷ ଗିରଫ ଆସାମୀ ମାନେ ହେଲେ ଜୟପୁର ଗ୍ରାମର ତପସ୍ଵିନୀ ପାତ୍ର, କୁସୁମୀ ଗ୍ରାମର ଢୁଲି ଟୁଡୁ, ସୁଳିଡୁମା ଗ୍ରାମର ଭୁଜୁରାମ ମାଝୀ, ଛଣୁଆ ଗ୍ରାମର ଅମିଶ ରଞ୍ଜନ ମହନ୍ତ ଓ ବର୍ଗୀମରା ଗ୍ରାମର ଈଶ୍ଵର ଚନ୍ଦ୍ର ହେମ୍ବ୍ରମ । ଜବତ ଦେଶୀ ରନ୍ଧା ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ଵ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି କ୍ଷ ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ସୁଧାଂଶୁ ବେହେରା, କନେଷ୍ଟବଳ ଦିଲ୍ଲୀପ କୁମାର ଜେନା, ବିପ୍ଳବ କୁମାର ମଲ୍ଲିକ, ରାଜେନ୍ଦ୍ର ସେନାପତି, ଫୁଲମଣୀ ହାଁସଦା ପ୍ରଭୃତି ସାମିଲ ଥିଲେ । ଏନେଇ ରାଇରଙ୍ଗପୁର ଅବକାରୀ ଥାନା ପକ୍ଷରୁ ୦୫ ଗୋଟି ମାମଲା ରୁଜୁ କରାଯାଇଛି ।

## ପ୍ଲସ୍‌୨ ପରୀକ୍ଷାରେ ସାଧନା ଟ୍ୟୁଟୋରିଆଲର ଆଶାନୁରୂପ ଫଳାଫଳ

ବାଲିପାଟଣା, (ମହାଭାରତ): ବାଲିପାଟଣା ଅଂଚଳର ଅନ୍ୟତମ ଅଗ୍ରଣୀ ଘରୋଇ କୋଚିଂ ସେଣ୍ଟର ସାଧନା ଟ୍ୟୁଟୋରିଆଲର ଛାତ୍ରଛାତ୍ରୀ ଚଳିତ ବର୍ଷ ଉଭୟ +୨ କଳା ଏବଂ ବାଣିଜ୍ୟରେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି ।ପରୀକ୍ଷାର୍ଥୀଙ୍କ ମଧ୍ୟରୁ କଳାରେ ମଧୁସ୍ମିତା ଦାସ ୫୨୩ ନମ୍ବର ରଖି ବାଲିପାଟଣା ବ୍ଲକ ଟପ୍ପର ହୋଇଥିବା ବେଳେ, ସୁଚିସ୍ମିତା ସେଠୀ - ୫୧୬ , ଆଦିତ୍ୟ ଭୋଇ - ୫୧୫, ସାନୁ ରାଉତ - ୫୦୫ ନମ୍ବର ରଖିଛନ୍ତି । +୨ କଳାରେ ଟ୍ୟୁଟୋରିଆଲରୁ ମୋଟ ୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦ ଜଣ ପ୍ରଥମ ଶ୍ରେଣୀରେ, ଦ୍ଵିତୀୟ ଶ୍ରେଣୀରେ ୨୬ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୪ ଜଣ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି +୨ ବାଣିଜ୍ୟରେ ରାଜଶ୍ରୀ ନାୟକ ଏ-ୱାନ ଗ୍ରେଡ଼ ସହ ୫୪୩ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବେଳେ ବାଣିଜ୍ୟରେ ଅନୁଷ୍ଠାନର ମୋଟ ୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୪ ଜଣ ପ୍ରଥମ ଶ୍ରେଣୀରେ, ଦ୍ଵିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ଜଣେ ଲେଖାଏଁ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ତେବେ ଅନୁଷ୍ଠାନର ଅଧ୍ୟାପକ/ଅଧ୍ୟାପିକାମାନଙ୍କର ଉଚ୍ଚକୋଟୀର ଶିକ୍ଷାଦାନ ପ୍ରଣାଳୀ ଓ ପ୍ରଚେଷ୍ଟା ଛାତ୍ରଛାତ୍ରୀମାନଙ୍କୁ ସଫଳତା ଆଣି ଦେଇପାରିଛି । ଏହି ସଫଳତା ପାଇଁ ଖୁସି ବ୍ୟକ୍ତ କରିବା ସହିତ ଅନୁଷ୍ଠାନର ମୁଖ୍ୟ ରାଜକିଶୋର ପରିଡ଼ା,ବଦ୍ରିକାନାଥ ମହାପାତ୍ର ଓ ସୁଦର୍ଶନ ପ୍ରଧାନ,ବାସୁଦେବ ନାୟକ,ଦେବଦତ୍ତ ପରିଡା, ଶୁଭଲକ୍ଷ୍ମୀ ଭୋଳ, ସୁନନ୍ଦା ପ୍ରଧାନ,କୃଷ୍ଣଚନ୍ଦ୍ର ଦାସ ଅଧ୍ୟାପକ ପ୍ରମୁଖ ସମସ୍ତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । କେବଳ ଏତିକି ନୁହେଁ ଅଂଚଳର ଯଦି କେହି ଗରୀବ ମେଧାବୀ ଛାତ୍ରଛାତ୍ରୀ ଯେପରି ପାଠ ପଢ଼ାରୁ ବଞ୍ଚିତ ନହେବେ ସେଦିଗରେ ଧ୍ୟାନ ଦେବା ସହ ସେମାନଙ୍କୁ ମାଗଣା ଶିକ୍ଷା ଦାନ ଏପରିକି ସେମାନଙ୍କ କଲେଜ ଆଡ଼ମିଶନ ଫି ମଧ୍ୟ ଯୋଗାଇ ଯାଉଛି ବୋଲି ରାଜକିଶୋର ପରିଡ଼ା କହିଛନ୍ତି । ଏହି ଅବସରରେ ୯୦ %ରୁ ଉର୍ଦ୍ଧ୍ଵ ନମ୍ବର ରଖିଥିବା ପରୀକ୍ଷାର୍ଥୀ ମାନଙ୍କୁ ଶିଶୁ ଅନନ୍ତ ପ୍ରେସ କ୍ଲବ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବୋଧିତ କରାଯାଇଥିଲା ।

## ତିନି ବଖରା ଘର ପୋଡ଼ି ପାଉଁଶ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନେଲିଗୁଡା ଗ୍ରାମରେ ଘଟି ଯାଇଛି ଏକ ଅଭାବନୀୟ ଘଟଣା । ନେଲିଗୁଡା ଗ୍ରାମର ସ୍ଵର୍ଗତ ଦୁର୍ଯ୍ୟୋଧନ ନାଏକ ଙ୍କ ପୁତ୍ର ଦୁଃଶାସନ ନାଏକ ଙ୍କ ତିନି ବଖରା ଘର ପୋଡି ପାଉଁଶ ହୋଇଯାଇଛି । ତେବେ ପଡ଼ିଶା ଘର କଳହ ରୁ ଏଭଳି ଘଟିଛି ବୋଲି ଶୁଣିବାକୁ ମିଳିଛି । ନିଆଁ ଜାଣି ଶୁଣି ଲଗାଇଥିବା ଶୁଣାଯାଉଛି ।ତେବେ ରାଗ ର ଚରମ ସୀମାରେ ପହଁଚିଲେ କେତେ ଯେ କ୍ଷତି ତାହା ସ୍ଵଷ୍ଟ ଅନୁମେୟ ।ଖବର ପାଇ ଦଶପଲ୍ଲା ଦମକଳ ବାହିନୀ ତୁରନ୍ତ ପହଂଚି ନିଆଁ କୁ ଆୟତ୍ତ କରିବାକୁ ଚେଷ୍ଟା ଜାରିରଖିଥିଲେ । ଘଟଣାସ୍ଥଳରେ ଦଶପଲ୍ଲା ପୋଲିସ ପହଂଚି ଘଟଣା ବିଷୟରେ ତଦନ୍ତ ଜାରିରଖିଛି ।ପୋଲିସ ରାଜନୈତିକ ଚାପରେ ଚାପି ହେଉଛି ନା ସଠିକ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେଉଛି ତାହା ଦେଖିବାକୁ ବାକି ରହିଲା ।

## ଇନ୍ସୁରାନ୍ସ ଟଙ୍କା ଆତ୍ମସାତ୍ ପାଇଁ ମସୁଧା : ରେଫେରାଲ୍ ହସ୍ପିଟାଲ ସାଜିଛି ଦଶପଲ୍ଲା ଗୋଷ୍ଠୀ ସ୍ଵାସ୍ଥ୍ୟକେନ୍ଦ୍ର

ଦଶପଲ୍ଲା, ( ମହାଭାରତ) : ଦଶପଲ୍ଲା ଗୋଷ୍ଠୀ ସ୍ଵାସ୍ଥ୍ୟକେନ୍ଦ୍ରରେ ଦିନ କୁ ଦିନ ଭୁସୁଡ଼ିବାରେ ଲାଗିଛି ସ୍ଵାସ୍ଥ୍ୟସେବା । ବିଶେଷଜ୍ଞ ଡ଼ାକ୍ତର ସଂକଟକୁ ନେଇ ସ୍ଵାସ୍ଥ୍ୟସେବା ଉପରୁ ରୋଗୀଙ୍କ ଭରସା ତୁଟିବାରେ ଲାଗିଛି । ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ହେଉକି ଗୁରୁତର ରୋଗୀଙ୍କୁ ମିଳୁନି ଚିକିତ୍ସା । ପ୍ରାଥମିକ ଚିକିତ୍ସା ପରେ ବେସରକାରୀ ଚିକିତ୍ସାଳୟ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହେଉକି ଭୁବନେଶ୍ଵର ଓ କଟକ ଭଳି ବିଭିନ୍ନ ଚିକିତ୍ସାଳୟକୁ ସ୍ଥାନାନ୍ତର ହେଉଛନ୍ତି ରୋଗୀ । ବଡ଼କଥା ହେଉଛି ପ୍ରସୂତିଙ୍କୁ ମଧ୍ୟ ଉପଯୁକ୍ତ ଚିକିତ୍ସା ସେବା ମିଳୁନଥିବା ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ଦଶପଲ୍ଲା ବ୍ଲକର ବଣ ପାହାଡ଼ ଘେରା ଉପାନ୍ତ ଅଞ୍ଚଳରୁ ଦୈନିକ ପ୍ରସବ ବେଦନାରେ ଛଟପଟ ହୋଇ ଅନେକ ଗର୍ଭବତୀ ମହିଳା ସ୍ଵାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି । ମାତ୍ର ସ୍ଵାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ସମୟ ଧରି ପକାଇ ରଖିବା ପରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ଼ାକ୍ତର ନଥିବା କହି ମହିଳା ମାନଙ୍କୁ ବିଭିନ୍ନ ଘରୋଇ କ୍ଲିନିକ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଦିଆଯାଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି । ଏହି ସ୍ଥାନାନ୍ତର ପଛରେ ଘରୋଇ କ୍ଲିନିକ ସ ?ହିତ ନିର୍ଦ୍ଦିଷ୍ଟ କିଛି କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି । ଫଳରେ ସରକାର ଚିକିତ୍ସା ବାବଦ ପାଇଁ ଦେଉଥିବା ହେଲ୍ଥ ଇନସ୍ୟୁରାନ୍ସ ଅନୁଦାନକୁ ଆତ୍ମସାତ୍ କରିବାର ମସୁଧା ରହୁଥିବା ଅଭିଯୋଗ ହେଉଛି । ଗୋଟିଏ ପାର୍ଶ୍ଵରେ ସରକାରୀ ସ୍ଵାସ୍ଥ୍ୟକେନ୍ଦ୍ର ମାନଙ୍କରେ ରୋଗୀଙ୍କୁ ଉତ୍ତମ ସ୍ଵାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ନେଇ ସରକାର ଡିଣ୍ଡିମ ପିଟୁଥିବା ବେଳେ ଦଶପଲ୍ଲା ଗୋଷ୍ଠୀ ସ୍ଵାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ମୁଖ୍ୟତଃ ଏହି ସ୍ଵାସ୍ଥ୍ୟକେନ୍ଦ୍ରରେ ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ଼ାକ୍ତର ନବ କିଶୋର ସାହୁଙ୍କୁ ଅବସ୍ଥାପିତ କରାଯାଇଛି । ସ୍ଵାସ୍ଥ୍ୟକେନ୍ଦ୍ରରେ ଆମ ହସ୍ପିଟାଲ କାର୍ଯ୍ୟ ଚାଲିଥିବା ହେତୁ ଦୀର୍ଘଦିନ ଧରି ଅସ୍ତ୍ରୋପଚାର ବନ୍ଦ ରହିଥିବା କୁହାଯାଉଛି । ଏପଟେ ଦୈନିକ ପ୍ରସୂତି ପାଇଁ ଆସୁଥିବା ଗର୍ଭବତୀଙ୍କୁ ସ୍ଥାୟୀ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ଼ାକ୍ତର ନଥିବା ହେତୁ ସେବିକା ବା ନର୍ସ ମାନେ ସାହାସ ଜୁଟାଇ ଚିକିତ୍ସା କରୁ ନାହାନ୍ତି । ସ୍ଵାସ୍ଥ୍ୟବୀମା କାର୍ଡ଼ ଥିବା ଜାଣିବା ପରେ ପ୍ରସୂତିଙ୍କୁ ନିର୍ଦ୍ଦିଷ୍ଟ କ୍ଲିନିକକୁ ପଠାଇ ଦିଆଯାଉଛି । ସ୍ଵାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ସମୟ ଧରି ଗର୍ଭ ଯନ୍ତ୍ରଣା ପାଇବା ପରେ ଶେଷରେ ନିରାଶ ହୋଇ କିଏ ବେସରକାରୀ କ୍ଲିନିକକୁ ତ ପୁଣି କିଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଉଛନ୍ତି । ଏସମ୍ପର୍କରେ ସ୍ଵାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ସନ୍ଦୀପ କୁମାର ସ୍ଵାଇଁଙ୍କ କହିବା ଅନୁଯାୟୀ ଏଭଳି ଅଭିଯୋଗ ଆସିନାହିଁ । ରେଫର୍ ସମୟରେ ରୋଗୀ ସିଧାସଳଖ ଆସି ଅଭିଯୋଗ କଲେ କିଏ ଓ କାହିଁକି ରେଫର୍ କରୁଛନ୍ତି ତାହା ଉପରେ ଦେଖିବାକୁ ପଡ଼ିବ ବୋଲି କହିଛନ୍ତି ।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣଙ୍କ ଦ୍ଵାର ନୂତନ ଖାଉଟି କାର୍ଡ ବଣ୍ଟନ




କଳାହାଣ୍ଡି, (ମହାଭାରତ): କଳାହାଣ୍ଡି ଜିଲ୍ଲା ସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆଜି ଜିଲ୍ଲାପରିଷଦ କଳାହାଣ୍ଡି ସଭା ଗୃହରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ପାତ୍ର ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ, ବୈଷୟିକ ବିଭାଗ, ଓଡିଶା ସରକାର ଯୋଗଦେଇ ଜିଲ୍ଲାର ୧୩ ଟି ବ୍ଲକ ଓ ୟୁ, ଏଲ,ବି ର ୯୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ । ପରବର୍ତ୍ତୀ ସମୟରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ଖାଉଟି କାର୍ଡ ପ୍ରଦାନ କରାଯିବ ଏବଂ ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ସାଂସଦ, ବିଧାୟକ ଙ୍କୁ ସାମିଲ କରାଯାଇ ତାଙ୍କ ଦ୍ଵାରା ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରିବା ଏବଂ ଖାଦ୍ୟ ସୁରକ୍ଷା ଯୋଜନା ରୁ ଯେପରି କୌଣସି ଗରିବ ଲୋକ, ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଙ୍କୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ରେ ଜିଲ୍ଲାର ୪,୧୪,୭୯୬ ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହେଉଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ସମ୍ମାନିତ ଅତିଥି ଭାବେ ସଂସାଦ କଳାହାଣ୍ଡି ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ,ଉପ ଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚକମା,ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ଯୋଗଦେଇ ହିତାଧିକାରୀ ଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସଂପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗାଣ ବିଭାଗ ର ଅଧିକାରୀ,ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଯୋଗଦେଇ ଖାଉଟି କାର୍ଡ ହିତାଧିକାରୀ ଙ୍କୁ ବଣ୍ଟନ କରି ସମସ୍ତଙ୍କୁ ଉତ୍ସାହିତ କରିଥିବା ରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । ନୂତନ ସରକାର ଙ୍କ ଯୁଗାନ୍ତକାରୀ ଯୋଜନା ସ୍ଵରୂପ ସୁଭଦ୍ରା ଯୋଜନା, କୃଷକଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ, ନୂତନ ଖାଉଟି କାର୍ଡ ପ୍ରଦାନ କରି ଲୋକଙ୍କ ମୁହଁରେ ହସ ଫୁଟାଇ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କୁ ଧନ୍ୟବାଦ ଜଣାଇଥିଲେ । ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ପରେ ଆଜି ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର ଯୋଗଦେଇ ଥିଲେ,ଏଥିରେ ସାଂସଦ କଳାହାଣ୍ଡି, ଶ୍ରୀମତୀ ଦେଓ, ବିଧାୟକ ଧର୍ମଗଡ଼ ପାଟଯୋଷୀ,ଜିଲ୍ଲା ଭାଜପା ସଭାପତି ଶ୍ରୀ ପୋଡ଼ଙ୍କ ସମେତ ଅନେକ କର୍ମକର୍ତ୍ତା ପ୍ରମୂଖ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଜନକଲ୍ୟାଣ ଓ ଯୁଗାନ୍ତକାରୀ ପଦକ୍ଷେପ କୁ ଉଚ୍ଚ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଥିଲେ ।

## ପରାକ୍ରମ ଦିବସ ପାଳିତ

ଟିଟିଲାଗଡ, (ମହାଭାରତ): ସଇଁତଳା ବ୍ଲକ ବୁଢାବାହାଲ ପଞ୍ଚାୟତ ଡୁଙ୍ଗୁରିପାଲି ଗାଁରେ ଭାରତୀୟ ଜନତା ପାର୍ଟି ତରଫରୁ ତ୍ରିରଙ୍ଗା ଯାତ୍ରା ମଣ୍ଡଳ ସଭାପତି ଦର୍ଶନ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେନ୍ଦ୍ର ଠାକୁର ମୁଖ୍ୟ ଅତିଥି, ସାଂସଦ ପ୍ରତିନିଧି ଗଦାଧର ବଗର୍ତ୍ତୀ, ସୁରେଶ ଦନ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । 'ଅପରେସନ ସିନ୍ଦୁର'ରେ ଭାରତର ସାମରିକ ଶକ୍ତି ଓ ଭାରତୀୟ ଯବାନଙ୍କ ଦେଶପ୍ରେମ, ତ୍ୟାଗ, ପରାକ୍ରମ ସମଗ୍ର ବିଶ୍ଵକୁ ଚକିତ କରିଦେଲା । ଭାରତ ଏକ ଶକ୍ତିଶାଳୀ ଦେଶ ଭାବେ ଉଭା ହେବାରେ ଆମେ ସମସ୍ତେ ଗର୍ବିତ ବୋଲି ବକ୍ତାଗଣ କହିଥିଲେ । ନେପାଳ ସୁନା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ଭାରତମାତାକୀ ଜୟ, ପାକିସ୍ତାନ ମୁର୍ଦ୍ଦାବାଦ, ଶହୀଦ ଯବାନ ଅମର ରହେ ଆଦି ନାରା ପ୍ରଦାନ ପୂର୍ବକ ଗ୍ରାମରେ ବିଜୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ବୈକୁଣ୍ଠ ମାଝୀ, ସୁଶୀଳ ସାହୁ, ଦୈତାରୀ ରଣା, କୌତୁକ ସାହୁ, ରସାାନ୍ତ ସାହୁ ,ବିନୋଦ ସାହୁ ଙ୍କ ସମେତ ବହୁ ବିଜେପି କର୍ମୀ ଓ ଜନସାଧାରଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ

## କୋକସରା ବ୍ଲକ ନୂତନ ଯାଦବ ଭବନ ପ୍ରତିଷ୍ଠାତା ଉତ୍ସବ

କୋକସରା, (ମହାଭାରତ): କୋକସରା ବ୍ଲକ ସଦର ମହକୁମା ପଞ୍ଚାୟତ ଚିଲିଗୁଡାଠାରେ ନବ ନିର୍ମିତ ବ୍ଲକ ଯାଦବ ଭବନ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ନୂତନ ଭବନ କୁ ଉଦଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ବ୍ଲକ ଯାଦବ ମହାସଭାର ସଭାପତି ବିନୋଦ ରାଉତଙ୍କ ସଭାପତିତ୍ଵରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଣ୍ଟାବାଞ୍ଜି ବିଧାୟକ ଶ୍ରୀବାଗ ସମେତ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲ୍ଲା ଯାଦବ ମହିଳା ସଭାନେତ୍ରୀ ରଶ୍ମି ରେଖା ରାଉତ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ, ଭବାନୀପାଟଣା ପୂର୍ବତନ ପୌରଧକ୍ଷା ସଞ୍ଜୁକ୍ତା ବେହେରା, ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଦ ଯାଦବ, ଉତ୍କଳ ଯାଦବ ମହାସଭା ବୁଦ୍ଧିଜୀବି ଶାଖା ସଦସ୍ୟ ଦ୍ଵାରୀକା ନାଥ ବାଗ, ଜିଲ୍ଲା ଯୁବ ଯାଦବ ସଭାପତି ଗୋବିନ୍ଦ ବନଛୋର, ପୂର୍ବତନ ଜିଲ୍ଲା ଯାଦବ ସଭାପତି ଡମ୍ବରୁଧର ଲହଜଲ, ଟିକଚନ ନାଗ, ଧର୍ମଗଡ ଏନ୍‌ଏସି ସଭାପତି ଅନିରୁଦ୍ଧ ଲହଜଲ, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ଜିଲ୍ଲାପରିଷଦ ସଭ୍ୟ ତ୍ରିନାଥ ବାଗ, କଲମପୁର ଯାଦବ ସମିତି ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଲହଜଲ, ଲାଞ୍ଜିଗଡ ବ୍ଲକ ସଭାପତି ପାନାଲାଲ ବେମାଲ, ଜିଲ୍ଲା ଯୁବ ଯାଦବ ଉପ-ସଭାପତି ଡାକେଶ୍ଵର ଲହଜଲ, ଲିଙ୍ଗରାଜ ଗହୀର ପ୍ରମୁଖ ଯୋଗଦେଇଥିଲେ । ସମାଜର ସାଂଗଠାନିକ ସ୍ଥିତି ସୁଦୃଢ଼ କରିବା, ନାରୀଶିକ୍ଷା ଉପରେ ଗୁରୁତ୍ଵ ଦେବା ପାଇଁ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି କ୍ରମରେ ଯାଦବ ଭବନ ପାଇଁ ଜମି ଦାନ କରିଥିବା ଚିଲିଗୁଡା ଗ୍ରାମର ପାର୍ଥ ଗୋପାଳଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକ ଓ ସ୍କୁଲ ଟପ୍ପର ହୋଇଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯାଦବ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାକାର୍ଯ୍ୟକୁ ବ୍ଲକ ସାଧାରଣ ସମ୍ପାଦକ ଅଲେଖ ଗୋପାଳ ସଭା ସଂଯୋଜନା କରିଥିବାବେଳେ ଅଧ୍ୟାପକ ମାଧବ ଲହଜଲ ଧନ୍ୟବାଦ ଅର୍ପଣ କରିଥିଲେ । ନୂତନ ଭବନ ପ୍ରତିଷ୍ଠା ଉତ୍ସବ ଅବସରରେ ଯାଦବ ଭବନ ନିକଟରେ ଶୁକ୍ରବାର ସକାଳୁ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି । ଏଥି ନିମନ୍ତେ କଳସ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଛି । ନୂତନ ଯାଦବ ଭବନ ନିକଟରୁ ଶତାଧିକ ଯାଦବ ମହିଳା ଓ ଯୁବତୀ ମାନେ କଳସ ଯାତ୍ରାରେ ବାହାରି ଚିଲିଗୁଡା ବଡ଼ବନ୍ଧ ନିକଟରେ ପହଞ୍ଚିଥିଲେ । ସେଠାରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ ଜଳ କଳସୀ ଧାରଣ କରି ନାମଯଜ୍ଞ ମଣ୍ଡପ ନିକଟରେ ପ୍ରତ୍ୟାବର୍ତ୍ତନ କରି କଳସ ସ୍ଥାପନ କରିଥିଲେ । ଏହି ସମୟରେ ଯାଦବ ସମାଜର ମହାନ ବିଭବ ବନବାଡି, ସଂକୀର୍ତ୍ତନ ଦଳ ଓ ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ହୋଇଥିଲା । ନାମଯଜ୍ଞରେ କର୍ତ୍ତାଭାବେ ପାର୍ଥ ଗୋପାଳ ଓ ତାଙ୍କ ସହ ଧର୍ମଣୀ ଲାଲ ଗୋପାଳ ଦାୟିତ୍ଵ ନିର୍ବାହ କରୁଛନ୍ତି । ପୂଜକ ଭାବେ କିଶୋର ଠାକୁର ଓ ଗୋପାଳ ପ୍ରସାଦ ଜୀ ଠାକୁର ପୂଜାକାର୍ଯ୍ୟ ନିର୍ବାହ କରୁଛନ୍ତି । ଉତ୍ସବ କମିଟିର ସଭାପତି ବିଦ୍ୟାଧର ଗହୀର, ସମ୍ପାଦକ ଅର୍ଜୁନ ଭାଟି, କୋଷାଧକ୍ଷ ସୁଦର୍ଶନ ବେହେରା, ଉପ ସଭାପତି ଲିଙ୍ଗରାଜ ବେହେରା, ଲକ୍ଷ ପୁଞ୍ଜି, ଅଭିମନ୍ୟୁ ଗୋପାଲ, ମଙ୍ଗଲୁ ଭାଟି, ଦୟାନିଧି ଭାଟି, ଧନସିଂ ବାଗ, ଧବଳେ ଗହୀର, ଅଭିମନ୍ୟୁ ବାଗ, ଶ୍ୟାମସୁନ୍ଦର ନାଏକ, ଟିକଚନ କେତକି, ଯୋଗେନ୍ଦ୍ର ହଂସ, ସୁଧୀର ନାଗ, ଝସକେତନ ନାଏକ ସମେତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଯାଦବ ମହିଳା ଓ ପୁରୁଷ ମାନେ ସାମିଲ ହୋଇଥିଲେ ।

## ସରକାରୀ ଜାଗା ଓ କେନାଲ ଦଖଲ ବଢୁଛି, ଟ୍ରଫିକ ସମସ୍ୟା ବୃଦ୍ଧି

ଅସ୍ତରଙ୍ଗ, (ମହାଭାରତ): ଅସ୍ତରଙ୍ଗ ଅଞ୍ଚଳ ରେ ଦିନକୁ ଦିନ ବୃଦ୍ଧି ପାଉଛି ସରକାରୀ ଜାଗା ଜବର ଦଖଲ, ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଏକ ସଂକୀର୍ଣ୍ଣ ସ୍ଥାନ ରେ ରହିଥିବା ବେଳେ ଠିକ ତାର ବିପରୀତ ସ୍ଥାନ ରେ କିଛି ବେଆଇନ ବ୍ୟବସାୟ ଅନୁଷ୍ଠାନ ଗଢି ଉଠିଛି, ପ୍ରତ୍ୟେକ ଦିନ ସକାଳୁ ରାତ୍ର ପର୍ଯ୍ୟନ୍ତ ୫୦ ରୁ ଉର୍ଦ୍ଧ ବାଇକ ଏଭଳି ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି ଯାହା ନକହିଲେ ଭଲ, ରାଜସ୍ଵ ମନ୍ତ୍ରୀ ତୁରନ୍ତ ସରକାରୀ ସ୍ଥାନ ରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ସ୍ଥାନୀୟ ରାଜସ୍ଵ ବିଭାଗ ଏଥି ପ୍ରତି ସଚେତନତା ହେଉନାହାନ୍ତି ବୋଲି ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ଜୋର ଧରିଛି, ଯାହାକି ଫଳରେ ବ୍ୟାଙ୍କ ଆସୁଥିବା ଗ୍ରାହକ ପାର୍କିଂ କରିବାକୁ ସ୍ଥାନ ପାଉନାହାନ୍ତି, ଯେଉଁ କାରଣ ରୁ ରାସ୍ତା ଉପ ରେ ବାଇକ ଏଭଳି ଗଦା ହେଉଛି ଟ୍ରାଫିକ ସମସ୍ୟା ସହିତ ଯାତ୍ରୀ ମାନଙ୍କ ନିରାପତ୍ତା ବ୍ୟବସ୍ଥା ସଂକଟାପନ୍ନ ହୋଇଯାଇଛି, ଅନ୍ୟ ପଟେ ଉକ୍ତ ବ୍ୟବସାୟ ଅନୁଷ୍ଠାନ ମାନଙ୍କ ପଛ ପଟେ କେନାଲ ଏବେ ପୋତାଶୟ ପାଲଟି ଗଲାଣି, ଥର୍ମାଲ ପ୍ଲେଟ, ପ୍ଲାଷ୍ଟିକ, ଜରି ଆହୁରି ଅନେକ ବର୍ଜ୍ୟ ବସ୍ତୁ ଏଭଳି ଗଦା ହେଉଛି କେନାଲ ପୋତାଶୟ ହେବା ସହିତ ପରିବେଶ ପ୍ରଦୂଷଣ ମଧ୍ୟ ହେଉଛି, ମୃତ୍ତିକା ସଂରକ୍ଷଣ ଓ ଜୈବିକ ମୃତ୍ତିକା କୁ ପୁନଃ ଉଦ୍ଧାର କରିବାକୁ ଜାତୀୟ ବୈଜ୍ଞାନିକ ସଂସ୍ଥା ଉଦ୍ୟମ କରୁଥିବା ବେଳେ ଏହିଭଳି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଗଦା କରି ଆମ ଜୈବ ବିବିଧତା କୁ ନଷ୍ଟ ମଧ୍ୟ କରାଯାଉଛି, ବ୍ୟବସାୟ କରିବାକୁ କାହାକୁ ବିରୋଧ ନାହିଁ ମାତ୍ର ବ୍ୟବସାୟ ନାମ ରେ ସରକାରୀ ଆଇନ କୁ ଫୁ କରିବାକୁ କିପରି ଏମାନେ ଚେଷ୍ଟା କରୁଛନ୍ତି ତାହା ଏବେ ସନ୍ଦେହ ଘେର ରେ, ବର୍ତ୍ତମାନ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଆକର୍ଷଣ କରିବା ସହ ଉଚିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲ ରେ ଦାବୀ କରାଯାଇଛି ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍

ଦଶପଲ୍ଲା, (ମହାଭାରତ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଣିଗୋଛା ଥାନା ଅଧୀନସ୍ଥ ତାକୁଡ଼ାଠାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ଵରେ ଏକ ଟ୍ରକ ଓଲଟିପଡ଼ିଛି । ଟ୍ରକଟି ଦଶପଲ୍ଲା ଅଭିମୁଖେ ଆସୁଥିବା ବେଳେ ଭୋର ପ୍ରାୟ ୪ଟା ସମୟରେ ଏଭଳି ଦୁର୍ଘଟଣା ଘଟିଛି । ସୂଚନା ଅନୁଯାୟୀ (ଏସ୍‌ଏଚ୍ ୪୦ ବିଏଲ୍ ୯୧୧୭) ଟ୍ରକ କୁକୁଡ଼ା ଖାଦ୍ୟ ନେଇ ଭୁବନେଶ୍ଵର ଯାଉଥିଲା । ଗାଡ଼ିଟି ଦ୍ରୁତ ବେଗରେ ଆସୁଥିବା ବେଳେ ତାକୁଡ଼ା ବୁଲାଣିଠାରେ ଗାଡ଼ିର ଇଞ୍ଜିନ ଉପରୁ ଡାଲାଟି ସମ୍ପୂର୍ଣ୍ଣ ଭାବେ ଛିଣ୍ଡି ଓଲଟି ପଡ଼ିଥିଲା । ମାତ୍ର ଏହି ଦୁର୍ଘଟଣାରେ କାହାର କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ବାଣୀଗୋଛା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରୀ ରଖିଛି ।

## ନବରଙ୍ଗପୁର ଜିଲ୍ଲା ଶାଖା ରେଡକ୍ରସ ସୋସାଇଟି ର ସାଧାରଣ ବୈଠକ




ନବରଙ୍ଗପୁର, (ମହାଭାରତ): ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ ରେ ଜିଲ୍ଲା ସ୍ତରୀୟ ରେଡ଼କ୍ରସ ସୋସାଇଟିର ସାଧାରଣ ବୈଠକ ଭାରତୀୟ ରେଡ଼କ୍ରସ ସୋସାଇଟି, ଜିଲ୍ଲା ଶାଖା ନବରଙ୍ଗପୁର ର ଅଧକ୍ଷ ତଥା ଜିଲ୍ଲାପାଳ ନବରଙ୍ଗପୁର ଡ଼ଃ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କୁ ରେଡ଼କ୍ରସ ର ମୌଳିକ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ । ମାନବ ସେବାହିଁ ମାଧବ ସେବା, ସେବା ହିଁ ରେଡ଼କ୍ରସର ଆଦ୍ୟ ଆଦର୍ଶ ସମାଜରେ ଦୁଃଖୀ ଓ ଦରିଦ୍ରଙ୍କ ର ସେବା ପାଇଁ ରେଡ଼କ୍ରସ ସର୍ବଦା ହାତ ବଢ଼ାଇ ଥାଏ । ଏହା ଶାନ୍ତି, ମୈତ୍ରୀ ଓ ପ୍ରୀତିରେ ବିଶ୍ଵାସ କରିବା ସହ ସମାଜରେ ମାନବିକତା ପ୍ରତିଷ୍ଠା ପାଇଁ ପାରିପାର୍ଶ୍ଵିକ ବୁଝାବଣା, ସହଯୋଗ ଓ ବନ୍ଧୁତ୍ଵ ବୃଦ୍ଧି କରିଥାଏ । ସ୍ଵେଚ୍ଛାକୃତ ସେବା ନିଜ ଜୀବନକୁ ଇଚ୍ଛାକୃତ ଭାବେ ସମାଜର ସ୍ଵାର୍ଥ ଓ ସେବା ପାଇଁ ନିୟୋଜନ କରିଥିବା ଦରଦୀ ମଣିଷର ଅନୁଷ୍ଠାନ ହେଉଛି ରେଡ଼କ୍ରସ । ଏଠି ବାଧ ବାଧକତା ନାହିଁ,ବରଂ ରହିଛି ମଣିଷ ହୃଦୟରୁ ଉତୁରି ଆସୁଥିବା ସ୍ଵେଚ୍ଛାକୃତ ସେବାର ମହାନ ପ୍ଳାବନ । ଦ୍ଵିତୀୟତଃ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ୨୦୨୪-୨୦୨୫ ମସିହା ର ଆୟ ଓ ବ୍ୟୟର ହିସାବ ଉପସ୍ଥାପନା କରିଥିଲେ , ତାହା ସର୍ବସନ୍ନମତିଙ୍କ ସହମତିରେ ଗୃହରେ ପାରିତ ହୋଇଥିଲା । ଜିଲ୍ଲା ର ବିଭିନ୍ନ ବିଭାଗର ପଦାଧିକାରୀ ମାନଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଆଶାନୁରୂପ ଶତପ୍ରତିଶତ ରେଡକ୍ରସ ପାଣ୍ଠି ପ୍ରଦାନ କରି ଥିବାରୁ ଜିଲ୍ଲାପାଳ ଡଃ ମହାପାତ୍ର ଖୁସି ବ୍ୟକ୍ତ କରିଥିଲେ । ଯେଉଁ ଅଧିକାରୀ ମାନେ ନିର୍ଦ୍ଧାରିତ ଆଶାନୁରୂପକ ରେଡ଼କ୍ରସ ପାଣ୍ଠି ଜମା କରିନାହାନ୍ତି ଅତିଶୀଘ୍ର ଜିଲା ଜରୁରୀ କାଳୀନ ବିଭାଗ ରେ ପାଣ୍ଠି ପଇଠ କରିବା ପାଇଁ ପରାମର୍ଶ ଦେଇଥିଲେ । ଆଜୀବନ ରେଡକ୍ରସ ସଭ୍ୟ ସଂଖ୍ୟା ଆଶାନୁରୂପକ ଭାବେ ବୃଦ୍ଧି ହୋଇ ନ ଥିବାରୁ ଜିଲ୍ଲାପାଳ ଗୃହରେ କ୍ଷୋଭ ପ୍ରକାଶ କରି ଥିଲେ କ୍ଷ ରେଡ଼କ୍ରସ ପାଣ୍ଠି ର ଆୟ ବୃଦ୍ଧି କରିବା ସମ୍ପର୍କରେ ଗୁରୁତ୍ଵ ଦେଇଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ନବରଙ୍ଗପୁର ଆଦିତ୍ୟ ସେନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀକାଳୀନ ବିଭାଗ ହିମାଂଶୁ ଶେଖର ପଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ପ୍ରକଳ୍ପ ପ୍ରଶାସକ ପି ଏ ଆଇ ଟି ଡିଏ ରାଜୀବ କୁମାର ସାହୁ, ଜିଲ୍ଲା ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ରାଧାଶ୍ୟାମ ଲାଇକ, ଅବକାରୀ ଅଧିକ୍ଷକ ନବରଙ୍ଗପୁର ପ୍ରତାପ କୁମାର ଦାସ, ନିର୍ବାହୀ ଅଧିକାରୀ ପୌର ପରିଷଦ ନବରଙ୍ଗପୁର ସମରେଶ ମହାନ୍ତି, ନିର୍ବାହୀ ଅଧିକାରୀ ପୌର ପରିଷଦ ଉମରକୋଟ ଆଲୋକ କୁମାର ଅନୁଗୁଳିଆ, ନବରଙ୍ଗପୁର ପବ୍ଲିକ ସ୍କୁଲର ଅଧକ୍ଷା ସ୍ଵର୍ଣ୍ଣଲତା ପଟ୍ଟନାୟକ ଙ୍କ ସହ ଜିଲ୍ଲାର ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କର ଅଧକ୍ଷ ଏବଂ ଅଧକ୍ଷ୍ୟା, ଜିଲ୍ଲା ସ୍ତରୀୟ ଅଧିକାରୀ ,ଜିଲ୍ଲାର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକ ରେ ଜିଲ୍ଲା ଜରୁରୀକାଳୀନ ଉପ ବିଭାଗ ର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ । ଇଂ.ଚନ୍ଦନା ମଲ୍ଲିକ ଏହି ବୈଠକ କୁ ପରିଚାଳନା କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବିଜେପି ପକ୍ଷରୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଙ୍କୁ ଫଳ ବଣ୍ଟନ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ବିଜେପି ପକ୍ଷରୁ ରୋଗୀ ଙ୍କୁ ଫଳ ବଣ୍ଟନ କରାଯାଇ ଛି। ଏହି ଫଳ ବଣ୍ଟନ କାର୍ଯ୍ୟକ୍ରମ ରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଯୋଗଦାନ କରି ଫଳ ବଣ୍ଟନ କରିବା ସହ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝି ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାୟକ,ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ରାଧାକ୍ୟ ମହାନ୍ତ, ସାଂସଦ ପ୍ରତିନିଧି ସ୍ୱାସ୍ଥ୍ୟ ବିଭାଗ ପ୍ରକାଶ ସେଠୀ, ଅବକାରୀ ବିଭାଗ ମଧୁସୂଦନ ମହାନ୍ତ,ସୁରକ୍ଷା ବିଭାଗ ଯୁଧିଷ୍ଠିର ମହାନ୍ତ,ବିଜେପି ପାଟଣା ବ୍ଲକ ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, ଜୁଲୁସ୍ ମହାନ୍ତ,ମନୋଜ ମହାନ୍ତ, ପୂର୍ବତନ ମଣ୍ଡଳ ସଭାପତି ଅଭୟ କୁମାର ପଲେଇ ,ବିଜେପି ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାନ୍ତ,ବିରଞ୍ଚି କୁମାର ମହାନ୍ତ,କାଳି ଚରଣ ମହାନ୍ତ ପ୍ରମୁଖ ଉପସ୍ଥିତି ଥିଲେ।

## ଜିଲ୍ଲା ମୁଖ୍ୟ କୃଷିଅଧିକାରୀ କାର୍ଯ୍ୟାଳୟଟି ସମସ୍ୟା ଘେରରେ ରହିଥିବା ଦେଖିବାକୁ ମିଳିଛି।




ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ଟି ସମସ୍ୟା ଘେରରେ ରହିଥିବା ଦେଖିବାକୁ ମିଳିଛି। ଏଠାରେ ସ୍ଥାୟୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନାହାନ୍ତି ଯଦି ପୋଷ୍ଟିଙ୍ଗ ହୁଏ ଦୁଇ ମାସ ନହେଲେ ଦୁଇ ଚାରି ଦିନ ସକାଶେ ଜିଲ୍ଲାରେ ବିକାଶ କିପରି ହୋଇ ପାରିବ କେବଳ କାଗଜ କଲମରେ ଦାୟିତ୍ୱ ଗ୍ରହଣରେ ସମୟ ଅତିବାହିତ ହୋଇଯାଇ ଥାଏ ଓ ସେମାନଙ୍କର ପେନସନ କାଗଚ ପତ୍ର କାମରେ କର୍ମ ଚାରିଙ୍କ କାମ ତୟ ସାଙ୍ଗକୁ ଅଫିସ କାମ ଏହିଭଳି ସମୟ ଅତିବାହିତ ହୁଏ। ଜିଲ୍ଲାରେ ଦୀର୍ଘ ବର୍ଷ ହେବ ସ୍ଥାୟୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିଯୁକ୍ତି ଦିଆ ଯାଉ ନାହିଁ ଯାହା ଫଳରେ ଜିଲ୍ଲାର ବିକାଶ କିପରି ହେବ ସହଜରେ ଅନୁମେୟ ବିଭାଗରରେ କିଛି କର୍ମଚାରୀ ଦୀର୍ଘ ବର୍ଷ ହେଲା ବଦଳି ହେଉନାହିଁୟ ପ୍ରୋମସନ ହେଲେ ମଧ୍ୟ ପୁଣି ଏଠାରେ କାର୍ଯ୍ୟରତ ହୋଇଥାନ୍ତି। ଯାହା ଫଳରେ ଜିଲ୍ଲାରେ ବିକାଶରେ ବାଧକ ହେଉ ଥିବାର ଅଭିଯୋଗ ହେଉଛି। ସରକାର ନୂତନ ଭାବେ ଆସିଥିବା ବେଳେ ଚାଷୀଙ୍କ ଉନ୍ନତି ସକାଶେ ସ୍ଥାୟୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସାଙ୍ଗକୁ ବହୁ ବର୍ଷ ହେବ କାର୍ଯ୍ୟ ରତ ଥିବା କର୍ମ ଚାରୀଙ୍କୁ ବଦଳି କରି ନୂତନ କର୍ମଚାରୀ ଅବସ୍ଥାପନ କରିଲେ ଚାଷୀ କୁଳ ଉପକୃତ ହୋଇ ପାରିବେ।

## ତୃଣମୂଳ ସ୍ତରରେ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନୁଭୂତି କର୍ମଶାଳା ଅନୁଷ୍ଠିତ

ପାରଳାଖେମୁଣ୍ଡି-ସ୍ଥାନୀୟ ସାଇ ଇ□ରନେସନାଲରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଡବ୍ଲୁ.ଓ.ଟି. ଆର୍ ଆନୁକୁଲ୍ୟରେ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନୁଭୂତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଉଠାଜଳସେଚନ ବିଭାଗର ଅଧିକ୍ଷକ ଯନ୍ତ୍ରୀ ଆର୍. ଏନ୍.ବେହେରା,ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ଏସ୍.ଆର୍.ଦାଶ, ଜିଲ୍ଲା ମୁଖ୍ୟ କୃଷି ବିଭାଗର ଅଧିକାରୀ ରବିନ୍ଦ୍ର କୁମାର ଆଦେକ୍, ନାବାର୍ଡର ଡେପୁଟି ଜେନେରାଲ ମ୍ୟାନେଜର ପ୍ରତୀକ ପଣ୍ଡା, ଜିଲ୍ଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକ,ଏସ୍. ଜବ୍ଲୁ.ଡବ୍ଲ୍ୟୁ.ଏସ୍ ର ସଭାପତି ଡ. ଡି.ଜଗନ୍ନାଥ ରାଜୁ ମଂଚାସୀନ ଥିଲେ।ଆୟୋଜକ ସଂଗଠନର ଆଂଚଳିକ ପରିଚାଳକ ଗାବ୍ରିଏଲ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଅନ୍ୟାନ୍ୟ ମାନଂକ ମଧ୍ୟରେ ଶିବପ୍ରସାଦ ସାହୁ,ଅରୁଣ କୁମାର ଖାଡଂଗା,ସୌମ୍ୟରଞ୍ଜନ ପ୍ରଧାନ,ପ୍ରମିଳା ସାହୁ ଏବଂ ଅଜିତ ମାଝି ସଂଗଠନର ବିକାଶମୂଳକ କାର୍ଯ୍ୟକ୍ରମର ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ।ତୃଣମୂଳ ସ୍ତରରେ ବିଶେଷ କରି ଆଦିବାସୀ ବହୁଳ ଇଲାକାରେ ଜମି,ଜଳ ଓ ଜଂଗଲର ସଂରକ୍ଷଣ ମୃତ୍ତିକା କ୍ଷୟର ନିରାକରଣ ପଦ୍ଧତି ତଥା ଜୀବନ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକ୍ରମର୍ ସ୍ଥାନୀୟ ଲୋକଂକ ସହଭାଗିତା ଉପରେ ଆଲୋକପାତ କରିଥିଲେ।ଅତିଥିମାନେ ସରକାରୀ ଯୋଜନାର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ଏଥିରେ ଯୋଗ ଦେଇଥିବା ଗଜପତି ଜିଲ୍ଲାର ୨୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନ ନିଜନିଜର ଅନୁଭୂତି ପ୍ରଦାନ କରିଥିଲେ।ସଂଗଠନର କର୍ମକର୍ତ୍ତା। ଜଗଦୀଶ,ତନ୍ମୟ,ନିକୁଂଜ ଏହାକୁ ପରିଚାଳନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଦେବଗଡ଼(ମହାଭାରତ):ମହାଭାରତ: ଗତ କାଲି ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧ ର ମୃତ ଘଟିଛି।ସୂଚନା ଅନୁଯାୟୀ ବାରକୋଟ ଥାନା ,ସ ଇ ଉଦୟ ଗ୍ରାମ ପଞ୍ଚାୟତ ର ସନକୁଟ୍ ଗାଁର ୬୨ବର୍ଷୀୟ ବୃଦ୍ଧ ଗଦା ପ୍ରଧାନ,ତାଙ୍କ ସ୍ତ୍ରୀ ଏବଂ ଝିଅ ଙ୍କୁ ଜର ହୋଇଥିବାରୁ ସ୍ଥାନୀୟ ବାମ୍ପରଉୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୁ ଆଣିଥିଲେ ,ହେଲେ ,ମେଡିକାଲ ରେ କିଛି ମେଡ଼ିସିନ୍ ନମିଳିବାରୁ ସେ ଅନ୍ୟପଟୁ ଦୁକାନ ରୁ ମେଡିସିନ କିଣି , ରାସ୍ତା ପାରିହେବା ସମୟ ରେ ଏକ ଅଜଣା ଗାଡ଼ି ମେଡିକାଲ ସମ୍ମୁଖରେ ଧକ୍କା ଦେଇ ଚାଲି ଯାଇଥିଲା।ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ,ବଂପର୍ଡା ମେଡ଼ିକାଲରେ ତାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ହେଲେ ତାଙ୍କ ଅବସ୍ଥା ସେଠାରେ ସଙ୍କଟାପନ୍ନ ହେବାରୁ ୧୦୮ଆମ୍ବୁଲାନ୍ସ ଯୋଗେ ଦେବଗଡ଼ ଜିଲ୍ଲା ବଡ ମେଡିକାଲ କୁ ପଠାଇଥିଲେ ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘଷଣା କରିଥିଲେ। ବାରକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।ଶବ ବ୍ୟବଚ୍ଛେଦ ପରେ ,ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରା ଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

## ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ବାଘ ଗଣନା

# ୨୪ ଯାଏଁ ଚାଲିବ ଗଣନା

ନୟାଗଡ଼, ( ମହାଭାରତ ) : ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ୪ଟି ବନାଞ୍ଚଳର ୩୬ଟି ବିଟ୍ ହାଉସରେ ଆରମ୍ଭ ହୋଇଛି ବାଘ ଗଣନା। ବାଣିଗୋଛା (ପୂର୍ବ) ବନାଞ୍ଚଳର ୩ଟି ସେକ୍ସନର ୭ଟି ବିଟ୍ ରହିଥିବା ବେଳେ ବାଣିଗୋଛା (ପଶ୍ଚିମ) ବନା□ଳର ୨ଟି ସେକ୍ସନର ୭ଟି ବିଟ୍, ବୌଦ୍ଧ ଜିଲ୍ଲା କୁଶଙ୍ଗ ବନାଞ୍ଚଳର ୩ଟି ସେକ୍ସନର ୧୧ଟି ବିଟ୍ ଓ ଗଣିଆ ଛାମୁଣ୍ଡିଆ ବନାଞ୍ଚଳର ୩ଟି ସେକ୍ସନର ୧୧ଟି ବିଟ୍ ରେ ଏହି ଗଣନା ଆରମ୍ଭ ହୋଇଛି। ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲାଗିବା ସହ ବିଭିନ୍ନ ଟିମ୍ ଗଠନ ହୋଇଛି। ଏହି ଗଣନା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଗତ ୧୮ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ମାଂସାସୀ ପ୍ରାଣୀଙ୍କ ଗଣନା କାର୍ଯ୍ୟ ଚାଲି ଥିବା ବେଳେ ୨୨ ତାରିଖ ଅର୍ଥାତ ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ତୃଣଭୋଜି ପ୍ରାଣୀଙ୍କ ଗଣନା ହେବବୋଲି ବିଭାଗ ପକ୍ଷରୁ



କୁହାଯାଇଛି। ପ୍ରଥମ ୩ ଦିନ ଗଣନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏଥିରେ ମାଂସାସୀ ପ୍ରାଣୀଙ୍କ ମଳ, ପାଦ ଚିହ୍ନ ଓ ରାମ୍ପୁଡା ଚିହ୍ନ ଉପରେ ନିରୀକ୍ଷଣ କରାଯାଉଛି। ପ୍ରାକ୍ ମୌସୁମୀ ଅର୍ଥାତ ମୌସୁମୀ ପୂର୍ବ ଏବଂ ମୌସୁମୀ ପରବର୍ତ୍ତୀ ସମୟରେ ଏହାର ଗଣନା କରାଯାଉଥିବା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥୀ ମଲ୍ଲିକ କହିଛନ୍ତି।ବଡ଼କଥା ହେଉଛି ବାଘର ଗଣନା ଅନୁଯାୟୀ ବିଭିନ୍ନ ବନାଞ୍ଚଳରେ ବାଘର ପ୍ରକୃତ ତଥ୍ୟ ବା ହିସାବ ରହୁନଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ପ୍ରତିବର୍ଷ କେତେ ସଂଖ୍ୟକ ବାଘ ଚିହ୍ନଟ ହେଉଛନ୍ତି ଓ ଏହାର ବାସ୍ତବ ସଂଖ୍ୟା ବୃଦ୍ଧି ପାଉଛି ନା ହ୍ରାସ ଘଟୁଛି ତାର ହିସାବ ମିଳୁନି। ଧର୍ମକୁ ଆଖିଠାର ବା ଚିରାଚରିତ ଢ଼ଙ୍ଗରେ ଏହାର ଗଣନା କରାଯାଉଥିବା କୁହାଯାଉଛ। ଏହି ବନଖଣ୍ଡରେ ମହାବଳ ବାଘ ଦେଖିବାକୁ ମିଳୁନଥିବା ବେଳେ ଗତ ୨୦୨୧ ମାସ ଠାରୁ ବିଭିନ୍ନ ସ୍ଥାନରେ ଏକାଧିକ କଳା ରଙ୍ଗର ଚିତାବାଘ ଥିବା ଟ୍ରାପ୍ କ୍ୟାମେରାରେ ଚିହ୍ନଟ ହେଉଛ। ଏହି ବାଘ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଦେଖିବାକୁ ମିଳିନଥାଏ। ସେହିପରି ୨୦୨୧ ଜୁନ୍ ୩୦ ତାରିଖ ଦିନ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଶାଳଭଙ୍ଗା ଠାରେ ଅଜଣା ଗାଡ଼ି ଧକ୍କାରେ ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ଏହାପରେ ବାଘର ସୁରକ୍ଷା ନେଇ କେବଳ ରାଜପଥ କଡ଼ରେ ଫଳକ ମାରି ଅଧିକାରୀ ମାନେ ନିଜ ଉପରୁ ଦୋଷ ବା ଦାୟିତ୍ୱ ଖସାଇ ଦେଇଛନ୍ତି। ବିଭିନ୍ନ ସମୟରେ ଜଙ୍ଗଲ ମଧ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସାଙ୍ଗକୁ ବିଭିନ୍ନ ସ୍ଥାନରୁ ବାଘ ଛାଲ ଜବତ ହେଉଛି। ଯାହାକି ଏସବୁର ପରିସଂଖ୍ୟାନ ଉପରେ ନଜର ପକାଇଲେ ବାଘ ସଂଖ୍ୟା ବୃଦ୍ଧି ଘଟୁଛି ନା ହ୍ରାସ ପାଉଛି ତାହା ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି।

## ଦେଶୀ ରନ୍ଧା ମଦ ଜବତ, ୦୫ ଗିରଫ

ରାଇରଙ୍ଗପୁର(ମହାଭାରତ): ଅବକାରୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ଶ୍ରୀ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ଶ୍ରୀ ବିନୟ ପ୍ରକାଶ ତୀର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ବାଦାମପାହାଡ଼ ଥାନା ଅନ୍ତର୍ଗତ ଜୟପୁର, କୁସୁମୀ, ସୁଳିଡୁମା, ଛଣୁଆ ଓ ବର୍ଗୀମରା ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୮୭ ଲିଟର ଦେଶୀ ରନ୍ଧା ମଦ ଜବତ ସହିତ ମୋଟ ୦୫ ଜଣଙ୍କୁ ଗିରଫ କରାଯାଇଛି ।ଗିରଫ ଆସାମୀ ମାନେ ହେଲେ ଜୟପୁର ଗ୍ରାମର ତପସ୍ୱିନୀ ପାତ୍ର, କୁସୁମୀ ଗ୍ରାମର ଡୁଲି ଟୁଡୁ, ସୁଳିଡୁମା ଗ୍ରାମର ଭୁଜୁରାମ ମାଝୀ, ଛଣୁଆ ଗ୍ରାମର ଅମିଶ ରଞ୍ଜନ ମହନ୍ତ ଓ ବର୍ଗୀମରା ଗ୍ରାମର ଈଶ୍ୱର ଚନ୍ଦ୍ର ହେମ୍ବ୍ରମ । ଜବତ ଦେଶୀ ରନ୍ଧା ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ସୁଧାଂଶୁ ବେହେରା, କନେଷ୍ଟବଲ ଦିଲ୍ଲୀପ କୁମାର ଜେନା, ବିପ୍ଳବ କୁମାର ମଲ୍ଲିକ, ରାଜେନ୍ଦ୍ର ସେନାପତି, ଫୁଲମଣୀ ହାଁସଦା ପ୍ରଭୃତି ସାମିଲ ଥିଲେ ।

## ଆସିକା ଓକିଲ ସଙ୍ଘ ପକ୍ଷରୁ ସବ ଜର୍ଜ ଙ୍କୁ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା



ଆସିକା (ମହାଭାରତ): ଆସିକା ଓକିଲ ସଙ୍ଘ ପକ୍ଷରୁ ସବ ଜର୍ଜ ଙ୍କୁ ବିଦାୟ ଓ ନୂତନ ସବ ଜର୍ଜ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଓକିଲ ସଙ୍ଘର ସଭାପତି ଅଜିତ କୁମାର ଚୌଧୁରୀ ଙ୍କ ଅଧକ୍ଷତାରେ ଓକିଲ ସଙ୍ଘ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ମନୋଜ କୁମାର,ସବ ଜର୍ଜ ସୌଦାମିନୀ ବିଶ୍ୱାଳ,ନୂତନ ସବ ଜର୍ଜ ସୁକାନ୍ତ କୁମାର ଜେନା,ମୁନସିବ ଝିଲ୍ଲୀ ଲିନା ନାୟକ,ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏସ. ଗତାଞ୍ଜଳି ନାଇଡୁ,ଅନ୍ୟତମ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତୃପ୍ତି ଦାସ,ଓକିଲ ସଙ୍ଘ ଉପସଭାପତି ଛବିଳରାମ ମିଶ୍ର, ସମ୍ପାଦକ ନାରାୟଣ ମୁନୀ, ସହସମ୍ପାଦକ ମାନସ ଆଚାର୍ଯ୍ୟା ପ୍ରମୁଖ ଉପସ୍ଥିତ ରହି ଓକିଲ ସଙ୍ଘ ପକ୍ଷରୁ ସବ ଜର୍ଜ ସୌଦାମିନୀ ବିଶ୍ୱାଳ ଓ ନୂତନ ସବ ଜର୍ଜ ମନୋଜ କୁମାର ଜେନାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ବିଚାରପତି ଗଣ ପ୍ରଥମେ ମଧୁବାବୁ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ।ଏହି ସମ୍ବର୍ଦ୍ଧନା ସଭାରେ ବାର କାଉନସିଲ ପକ୍ଷରୁ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ରବୀନ୍ଦ୍ର ପାତ୍ର,ଅନିଲ କୁମାର ପାଣିଗ୍ରାହୀ, ଶିଶିର କୁମାର ନାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ପାତ୍ର, ସୁଧାଂଶୁ ପାଣିଗ୍ରାହୀ, ସନ୍ତୋଷ କୁମାର ପାଣିଗ୍ରାହୀ, ଜୀ ସୁର୍ଯ୍ୟ ପ୍ରକାଶ ରାଓ, ମୋହନ ରାଓ ଦୋର ଙ୍କ ସମେତ ବହୁ ଆଇନଜୀବି ଉପସ୍ଥିତ ଥିଲେ।

## ବିବିଏମଏସର ବାର୍ଷିକ ସମ୍ମିଳନୀ

# ପୁନର୍ବାର ରାକେଶ ପଟ୍ଟନାୟକ ସଭାପତି ଓ ଶ୍ରୀକାନ୍ତ ରାୟ ସାଧାରଣ ସମ୍ପାଦକ

ପାରାଦୀପ(ମହାଭାରତ): ଭାରତୀୟ ବନ୍ଦର ମଜଦୁର ସଙ୍ଘ (ବିବିଏମଏସ) ର ବାର୍ଷିକ ସମ୍ମିଳନୀ ମଧୁବନ ସ୍ଥିତ ସଙ୍ଘ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ସମାରୋହରେ ପାଳିତ ହୋଯାଇଛି । ସଂଘର ସଭାପତି ରାକେଶ ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଏଏସ ର ସର୍ବ ଭାରତୀୟ ସଭାପତି, ପାରାଦୀପ ବିବିଏମଏସ ର ସାଧାରଣ ସମ୍ପାଦକ ତଥା ପାରାଦୀପ ବନ୍ଦର ଟ୍ରଷ୍ଟି ଶ୍ରୀକାନ୍ତ ରାୟ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟାର ଓ ଏହାର ସମାଧାନ ଦିଗରେ ନିଜର ବକ୍ତବ୍ୟ ରଖିଥିଲେ । ପାରାଦ୍ୱୀପ ବନ୍ଦର ରେ ଶ୍ରମିକ ମାନଙ୍କ ଠାରୁ ୟୁନିୟନ ସଂଖ୍ୟା ଏତେ ମାତ୍ରା ରେ ଥିଲାବେଳେ ଅନ୍ୟ କୌଣସି ବନ୍ଦର ରେ ଦେଖିବାକୁ ମିଳେ ନାହିଁ ଅନ୍ୟ କୌଣସି ବନ୍ଦରରେ କଣ୍ଟ୍ରାକ୍ଟ ୱାର୍କର୍ସ ମାନଙ୍କୁ ସୁବିଧା ସୁଯୋଗ ମିଳି ନଥିଲାବେଳେ କେବଳ ଦୁଇଟି ବନ୍ଦର




ରେ କଣ୍ଟ୍ରାକ୍ଟ ୱାର୍କର୍ସ ମାନଙ୍କୁ ସୁବିଧା ସୁଯୋଗ ମିଳିଛି ବୋଲି ଶ୍ରୀ ରାୟ କହିବାସହ ଖାଲି ପାରାଦ୍ୱୀପ ବନ୍ଦର ଶ୍ରମିକ ମାନଙ୍କ ସମସ୍ୟା ନୁହଁ ବରଂ ସର୍ବଭାରତୀୟ ସ୍ତରରେ ଶ୍ରମିକ ମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ନିଜ ବିବୃତିରେ ଶ୍ରୀ ରାୟ କହିଥିଲେ । ଯେଉଁମାନେ ଶ୍ରମିକ ମାନଙ୍କୁ ଆଗକୁ ଆଣି ଶ୍ରମିକ ନେତା ବୋଲାଉଛନ୍ତି ସେମାନଙ୍କୁ ସେ ଘୃଣା ଚକ୍ଷୁ ରେ ଦେଖନ୍ତି ବୋଲି କହି ଶ୍ରମିକ ମାନଙ୍କ ସମସ୍ୟା ର ସମାଧାନ ପାଇଁ ହେଉଥିବା ଆନ୍ଦୋଳନ ରେ ୟୁନିୟନ ର ସମ୍ପାଦକ ଏବଂ ସଭାପତି ଯଦି ଧାରଣା ରେ ବସିବେ ତେବେ ତାଙ୍କ ସଙ୍ଘ ସମର୍ଥନ ଜଣାଇବ ନଚେତ ମୁହଁ ଫେରାଇ ନେବେ ବୋଲି ଶ୍ରୀ ରାୟ କହିଥିଲେ ।ତେବେ ଏହି ସମ୍ମିଳନୀରେ ଚଳିତ ଦୁଇବର୍ଷ ପାଇଁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ଭାବେ ରାକେଶ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଭାବେ ଶ୍ରୀକାନ୍ତ ରାୟ ପୁନର୍ବାର ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ହଟ କିଶୋର ସେଠୀ, ଉପସଭାପତି ଭାବେ ଦେବୀପ୍ରସନ୍ନ ମାଝୀ, ସଞ୍ଜୟିତା ରାଉତରାୟ, ରଞ୍ଜିତ କୁମାର ମଲ୍ଲିକ, ରମାକାନ୍ତ ନାୟକ, ସହ ସାଧାରଣ ସମ୍ପାଦକ ଭାବେ ସାରଦା ପ୍ରସନ୍ନ ଦାସ, ମହେନ୍ଦ୍ର କୁମାର ନାୟକ, ସଂଗଠନ ସମ୍ପାଦକ ଭାବେ ଉପେନ୍ଦ୍ର ଦାଶ,ସୋମନାଥସ୍ୱାଇଁ, ସମ୍ପାଦକ ଭାବେ ବିଶ୍ୱଜିତ ମହାପାତ୍ର, ବାବର ବେହେରା, ପବିତ୍ର ପ୍ରସାଦ ସିଂହ, ବିରଞ୍ଚି ନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ଭାବେ କୀର୍ତ୍ତି ଚନ୍ଦ୍ର ଦାଶ, ସ୍ମୃତି ରଞ୍ଜନ ତ୍ରିପାଠୀ ଭାବେ ମନୋନୀତ ହୋଇଥିବା ବେଳେ ବିକ୍ରମ ପରିଡା, ପି.କେ.ଜେନା, ମିତନ ତରାଇ, ପଲ୍ଲୁ ସୋରେନ, ପ୍ରଦୀପ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ପ୍ରଧାନ, ମୁରଲୀଧର ବେହେରା, ସୁକାନ୍ତ କୁମାର ପ୍ରଧାନ, ନିତ୍ୟାନନ୍ଦ ସାହୁ, ଟି.କେ.ମହାପାତ୍ର, ଜ୍ୟୋତି ରଞ୍ଜନ ସ୍ୱାଇଁ, ଅବକାଶ ନାୟକ, ଦୁର୍ମୁଲ୍ୟ ମହାରାଜା, ଉଗ୍ରସେନ ନାୟକ, ବନମାଳୀ ସ୍ୱାଇଁ ପ୍ରମୁଖ ସର୍ବସମ୍ମତିକ୍ରମେ କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ।

## ଯୁକ୍ତ ଦୁଇ କଳା ପରୀକ୍ଷା ଫଳ

# ରୋଜାଲିନ୍ ବ୍ଲକ ଟପ୍ପର ଓ ପ୍ରିୟଙ୍କା ୨ୟ ଟପ୍ପର

ଗଣିଆ(ମହାଭାରତ): ଓଡିଶା ସରକାରଙ୍କ ଯୁକ୍ତ ଦୁଇ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ବୁଧବାର ଦ୍ୱିତୀୟ ବର୍ଷ କଳା ଓ ବିଜ୍ଞାନ ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇଛି । ଗଣିଆ ବ୍ଲକର ଶ୍ରୀ ଶ୍ରୀ ରଘୁନାଥଜୀଉ ମହାବିଦ୍ୟାଳୟର ରୋଜାଲିନ ପ୍ରଧାନ କଳା ବିଭାଗରେ ୫୩୫ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ୨ୟସ୍ଥାନରେ ୫୩୩ ନମ୍ବର ରଖି ପ୍ରିୟଙ୍କା ମହାଖୁଡ଼ ଗଣିଆ ବ୍ଲକରେ ୨ୟ ସ୍ଥାନ ଅଧିକାର କରିଛନ୍ତି । ସମୁଦାୟ ୨୧୫ ଜଣ ପରୀକ୍ଷା ଦେଇଥିବାବେଳେ ୧ମ ଡିଭିଜନରେ ୪୨ଜଣ, ୨ୟ ଡିଭିଜନରେ ୨୨ଜଣ ଓ ୩ୟ ଡିଭିଜନରେ ୯୮ଜଣ କୃତକାର୍ଯ୍ୟ ହୋଇଥିବାବେଳେ ୪୧ଜଣ ଫେଲ ହୋଇଛନ୍ତି, ସେହିଭଳି ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟର କଳା ବିଭାଗରେ ୯୩ ଜଣ ପରୀକ୍ଷା ଦେଇଥିବାବେଳେ ୧ମ ଡିଭିଜନରେ ୨୧ଜଣ, ୨ୟ ଡିଭିଜନରେ ୩୯ଜଣ ଓ ୩ୟ ଡିଭିଜନରେ ୩୦ଜଣ କୃତକାର୍ଯ୍ୟ ହୋଇଥିବାବେଳେ ୩ଜଣ ଫେଲ ହୋଇଛନ୍ତି, ସେହଭଳି ବିଜ୍ଞାନ ବିଭାଗରେ ଆଂଚଲ ଆଚାର୍ଯ୍ୟ ୫୪୩ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବାବେଳେ ସମୁଦାୟ ୨୩୪ ଜଣ ପରୀକ୍ଷା ଦେଇଥିବାବେଳେ ୧ମ ଡିଭିଜନରେ ୧୫୮ଜଣ, ୨ୟ ଡିଭିଜନରେ ୬୩ଜଣ ଓ ୩ୟ ଡିଭିଜନରେ ୦୬ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୭ଜଣ ଅନୁପସ୍ଥିତ ହୋଇଥିଲେ , ସେହିଭଳି ବନମାଳୀ ବାରିକି ମହାବିଦ୍ୟାଳୟ ଆଡ଼କଟାର କଳା ବିଭଗରେ ସମୁଦାୟ ୧୨୨ ଜଣ ପରୀକ୍ଷା ଦେଇଥିବାବେଳେ ୧ମ ଡିଭିଜନରେ ୨୨ଜଣ, ୨ୟ ଡିଭିଜନରେ ୩୧ଜଣ ଓ ୩ୟ ଡିଭିଜନରେ ୫୦ଜଣ କୃତକାର୍ଯ୍ୟ ହୋଇଥିବାବେଳେ ୧୮ଜଣ ଫେଲ ଓ ଜଣେ ଅନୁପସ୍ଥିତ ହୋଇଛନ୍ତି। ସେହଭଳି ବିଜ୍ଞାନ ବିଭାଗରେ ସମୁଦାୟ ୮୨ ଜଣ ପରୀକ୍ଷା ଦେଇଥିବାବେଳେ ୧ମ ଡିଭିଜନରେ ୫୮ଜଣ, ୨ୟ ଡିଭିଜନରେ ୧୮ଜଣ ଓ ୩ୟ ଡିଭିଜନରେ ୫ଜଣ କୃତକାର୍ଯ୍ୟ ହୋଇଥିବା ଜଣା ପଡ଼ିଛି ।

## ବନ୍ଦର କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରାଦ୍ୱୀପ,(ମହାଭାରତ): ପାରାଦ୍ୱୀପ ବନ୍ଦରରେ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା ଅକ୍ଷୟ କୁମାର ବେହେରା ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବନ୍ଦର ସହରର ଜେସି କଲୋନୀ ପକ୍ଷରୁ ତାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବନ୍ଦର ଡାକ୍ତରଖାନାର ଉପ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଦୁର୍ଗା ପ୍ରସାଦ ସେଠୀ ଯୋଗଦେଇ ଶ୍ରୀ ବେହେରାଙ୍କ ନିଷ୍ଠାପର କାର୍ଯ୍ୟ ଓ ସମୟାନୁବର୍ତ୍ତିତା ପାଇଁ ତାଙ୍କୁ ପ୍ରଶଂସା କରିଥିଲେ। ବନ୍ଦରରେ ଦୀର୍ଘ ୩୩ବର୍ଷ ଧରି ସେ ସେବା ଯୋଗାଇ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବନ୍ଦର ଟ୍ରଷ୍ଟି ସୁନୀଲ ଦାସ, ଡ଼ା. ରୁନୁ ସିଂ, ଡ଼ା. ବାଦଲ ସିଂ, ଶ୍ରମିକ ନେତା ଗୁଣନିଧି ଚୌଧୁରୀ, ଅବସରପ୍ରାପ୍ତ ବର୍ଥାଙ୍ଗ ମାଷ୍ଟର ଗାଲେଖ ଚନ୍ଦ୍ର ପ୍ରଧାନ, ବିସିସିଆଇ ପ୍ରଶିକ୍ଷକ ଜର୍ଜ ପଲ ରବୀନସନ, ବନ୍ଦରର ବରିଷ୍ଠ କର୍ମଚାରୀ ଧ୍ରୁବ ଚନ୍ଦ୍ର ତରାଇ, ଇଂ.ତନ୍ମୟ କୁମାର ଦାସ, ଇଂ. ରମାକାନ୍ତ ନାୟକ, ନିରଞ୍ଜନ ରଥ, ବିକେ ସ୍ୱାଇଁ ଓ ସାମ୍ବାଦିକା ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ।ସଭା ଶେଷରେ ତାଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲାୟ କାର୍ଯ୍ୟକ୍ରମରେ ବହୁ ବନ୍ଦର କର୍ମଚାରୀ ସାମିଲ ହୋଇଥିଲେ।

## ନୂଆଗାଁ ବ୍ଲକ୍ ସଦରମହକୁମାରେ ଚୋରି ହେଉଛି ପାଣି

# ପାଣି ନ ପାଇବାକୁ ନେଇ ବଢୁଛି ଅସନ୍ତୋଷ

ନୂଆଗାଁ, ( ମହାଭାରତ ) : ନୂଆଗାଁ ବ୍ଲକ୍ର ପ୍ରାୟ ସ୍ଥାନରେ ଜଳ ସଙ୍କଟ ଦେଖା ଦେଲାଣି। ଲୋକ ମାନେ ପିଇବା ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଦୀ, କୂଅ, ପୋଖରୀ ଭରସା ପାଲଟିଛି। କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ନୂଆଗାଁ ବ୍ଲକ୍ ସଦରମହକୁମାରେ ଲୋକ ମାନଙ୍କ ପାଖରେ ପାନୀୟ ଜଳ ଯୋଗାଇ ଦେବାରେ ପ୍ରଶାସନ ଏକ ପ୍ରକାରର ବିଫଳ ହୋଇଛି। ଲୋକ ମାନଙ୍କ ପାଖରେ ବିଶୁଦ୍ଧ ପାଣି ପହ□ାଇବା ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପାଣି ଟାଙ୍କି ଠାରୁ ଆରମ୍ଭ କରି ପାଇପ୍ ବିଛାଇବା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ହେଲେ ଲୋକ ମାନେ ପାଣି ନ ପାଇବା ପଛରେ ଯେଉଁ କାରଣ ରହିଛି ତାହା ହେଉଛି, କିଛି ଅସାଧୁ ବ୍ୟକ୍ତି ସରକାରୀ ପାଇପ୍ରେ ବେଆଇନ ଭାବେ ମୋଟର କନେକ୍ସନ କରି ନିଜ ଘରକୁ ପାଣି ଟାଣି ନେଉଛନ୍ତ। ଯାହାଦ୍ୱାରା କିଛି ମୁଷ୍ଟିମେୟ ଲୋକଙ୍କ ଘରେ ଏହି ପାଣି ପହ□ୁଥିବା ବେଳେ ଶତାଧିକ ପରିବାର ପାଇପ୍ ଯୋଗେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଦିନେ କି ଦୁଇ ଦିନର ଘଟଣା ନୁହେଁ, ଅନେକ ଦିନ ଧରି ଏଭଳି ଘଟଣା ନୂଆଗାଁ ବ୍ଲକ୍ ସଦରମହକୁମାରେ ଦେଖିବାକୁ ମିଳିଛି। ଏହି ସମସ୍ତ ଘଟଣା ବାବଦରେ ଯଦିଓ ପ୍ରଶାସନିକ ଅଧିକାରୀ ମାନେ ଅବଗତ ଅଛନ୍ତି, ତଥାପି ଏହି ବେଆଇନ ସଂଯୋଗ ଗୁଡ଼ିକୁ କାଟିବା ଦିଗରେ ସେମାନେ ସାହସ ଜୁଟାଇ ପାରୁନାହାନ୍ତି। ଏଠାରେ ଲୋକ ମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆନଯାଇ ଅଧିକାରୀ ମାନେ ନିଜ ନିଜର ସୁରକ୍ଷା ପ୍ରତି ବିଶେଷ ଭାବେ ଧ୍ୟାନ ଦେଇ ଆସୁଥିବା ପରିଲକ୍ଷିତ ହେଉଛି। ଲୋକ ମାନଙ୍କ ପାଖରେ ପାଣି ପହଞ୍ଚୁ ନଥିବା ନେଇ ଅନେକବାର ପ୍ରଶାସନର ଦୃଷ୍ଟିକୁ ଅଣାଯାଉଥିଲେ ସୁଦ୍ଧା ସତ କଥାକୁ ଲୁଚାଇ ଦେଇ ପାଣିର ଉତ୍ସ କମ୍ ଥିବା ହେତୁ ପାଣି ମିଳିପାରୁନଥିବା ଭଳି ବିଭ୍ରାନ୍ତିକର ଉତ୍ତର ଦେଉଛନ୍ତି। ନୂଆଗାଁ ବ୍ଲକ୍ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଯଦି ନୂଆଗାଁ ବ୍ଲକ୍ ସଦରମହକୁମାରେ ଲୋକମାନେ ପାଇପ୍ ଯୋଗେ ପାଣି ନପାଇ ଖୋଲା କୂଅରୁ ପାଣି ଆଣି ବ୍ୟବହାର କରିବେ,




ତେବେ ପ୍ରଶାସନ ଲୋକଙ୍କ ହିତ ପାଇଁ କିଭଳି ଭାବେ ତତ୍ପରତାର ସହିତ କାମ କରୁଛି ତାହା ଏଥିରୁ ଅନୁମେୟ। ତେବେ ଏ ବାବଦରେ ପ୍ରଶାସନ ବିଶେଷ ଭାବେ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।









## ଶକ୍ତିଶାଳୀ ଭୂକମ୍ପ ଝଟକାରେ ଥରିଲା ଗ୍ରୀସ୍

ନୂଆଦିଲ୍ଲୀ : ଗ୍ରୀସର କାସୋସ ଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ । ଭୂକମ୍ପର ଝଟକା ୬.୧ ତୀବ୍ରତା ରହିଛି । ୟୁନାଇଟେଡ ଷ୍ଟେଟସ ଜିଓଲୋଜିକାଲ ସର୍ଭେ ଅନୁସାରେ, ଭୂକମ୍ପ ଝଟକା ସ୍ଥାନୀୟ ସମୟାନୁସାରେ ରାତି ୧.୫୧ରେ ହୋଇଛି । ଭୂକମ୍ପ ଝଟକା ଅନୁଭୂତ ହେବା ପରେ ଲୋକ ନିଜ ନିଜ ଘରୁ ବାହାରକୁ ଚାଲିଆସିଥିଲେ । ଭୂକମ୍ପର କେନ୍ଦ୍ର ଏଲାଉଣ୍ଡା ଠାରୁ ୫୮ କିମି ଉତ୍ତର-ପୂର୍ବ ସମୁଦ୍ରରେ ରହିଥିଲା । ଏଲାଉଣ୍ଡା, କ୍ରିଟ ଦ୍ୱୀପ ଉତ୍ତର ତଟରେ ରହିଛି । ସୂଚନାଯୋଗ୍ୟ, ମଇ ୧୪ରେ ଗ୍ରୀସରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହି ସମୟରେ ଭୂକମ୍ପର ତୀବ୍ରତା ୬.୩ ରହିଥିଲା । ଭୂକମ୍ପ ସକାଳେ ହୋଇଥିଲା । ଭୂକମ୍ପ ଝଟକାରେ ଭୟଭୀତ ହୋଇ ଲୋକେ ଘରୁ ଦୌଡିଥିଲେ । ଏହି ଭୂକମ୍ପ ପରେ ସୁନାମୀ ଆକଳନ କରାଯାଇଥିଲା ।

## ଅପରେସନ୍ ସିନ୍ଦୂର ବେଳେ ସରକାରୀ ସାଇଟକୁ ହ୍ୟାକ୍ କରିଥିବା ଯୁବକ ଗିରଫ

ନୂଆଦିଲ୍ଲୀ : ଅପରେସନ୍ ସିନ୍ଦୂର ସମୟରେ ଭାରତ ସରକାରଙ୍କ ୱେବସାଇଟ୍ ଉପରେ ୫୦ ରୁ ଅଧିକ ସାଇବର ଆକ୍ରମଣ କରିଥିବା ଅଭିଯୋଗରେ ଗୁଜରାଟ ଆତଙ୍କବାଦ ନିରୋଧୀ ଦଳ ନାଦିଆଦରୁ ଦୁଇ ଜଣଙ୍କୁ ଗିରଫ କରିଛି । ଯେଉଁଥିରେ ୧୮ ବର୍ଷୀୟ ଜସିମ୍ ଶାହନୱାଜ୍ ଅନସାରି ଏବଂ ଜଣେ ନାବାଳକ ମଧ୍ୟ ସାମିଲ ଅଛନ୍ତି । ଏହି ଆକ୍ରମଣଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଡିଜିଟାଲ୍ ଭିତ୍ତିଭୂମିକୁ ବାଧା ଦେବା ପାଇଁ ଡିଷ୍ଟ୍ରିବ୍ୟୁଟେଡ୍ ଡିନାଏଲ୍-ଅଫ୍-ସର୍ଭିସ୍ ରଣନୀତି ସାମିଲ ଥିଲା । ଅଭିଯୁକ୍ତମାନେ ଆନୋନସେକ୍ ନାମକ ଏକ ଟେଲିଗ୍ରାମ୍ ଗ୍ରୁପ୍ ଉପସ୍ଥାପନ କରୁଥିଲେ, ଯେଉଁଠାରେ ସେମାନେ ଭାରତ ବିରୋଧୀ ଉତ୍ତେଜନାପୂର୍ଣ୍ଣ ବାର୍ତ୍ତା ଏବଂ ସେମାନଙ୍କର ସାଇବର ଅନୁପ୍ରବେଶର ପ୍ରମାଣ ପୋଷ୍ଟ କରୁଥିଲେ । କିନ୍ତୁ ବର୍ତ୍ତମାନ କର୍ତ୍ତୃପକ୍ଷ ସେମାନଙ୍କ ଡିଭାଇସଗୁଡ଼ିକୁ ଜବତ କରିଛନ୍ତି, ଇନଫରମେସନ୍ ଟେକ୍ନୋଲୋଜୀ ଆଇନ ଅନୁଯାୟୀ ମାମଲା ପଞ୍ଜିକୃତ କରିଛନ୍ତି ଏବଂ ସମ୍ଭାବ୍ୟ ବିଦେଶୀ ଲିଙ୍କଗୁଡ଼ିକର ଜାଞ୍ଚ କରୁଛନ୍ତି । ଏହି ଗିରଫଦାରୀଗୁଡ଼ିକ ଭାରତରେ ସାଇବର ଆତଙ୍କବାଦ ଏବଂ ଯୁବ ମୌଳବାଦୀତା ବିଷୟରେ ବଢୁଥିବା ଚିନ୍ତାକୁ ସ୍ପଷ୍ଟ କରୁଛି । ତଦନ୍ତରୁ ଜଣାପଡିଛି ଯେ ଅନସାରି ଏବଂ ନାବାଳକ ପ୍ରତିରକ୍ଷା, ଅର୍ଥ, ବିମାନ ଚଳାଚଳ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ର ସହିତ ଜଡିତ ସରକାରୀ ୱେବସାଇଟ୍ ଉପରେ ଏକ ସମନ୍ୱିତ ସାଇବର ଆକ୍ରମଣ ଆରମ୍ଭ କରିଥିଲେ । ଏହି ଆକ୍ରମଣ ୭ ମେ, ୨୦୨୫ ରେ ଅଭିଯାନ ସିନ୍ଦୂର ଆରମ୍ଭ ହେବା ସହିତ ଶୀର୍ଷରେ ପହଞ୍ଚିଥିଲା । ଟର୍ମକ୍ସ ଏବଂ ପାଇଥ୍ରଏଡ୍ ଭଳି ହ୍ୟାକିଂ ଟୁଲ୍ ବ୍ୟବହାର କରି, ଅଭିଯୁକ୍ତମାନେ ସର୍ଭରଗୁଡ଼ିକୁ ହଜାଇ ଦେବା ଏବଂ ୱେବସାଇଟ୍ଗୁଡ଼ିକୁ ଡିଜାଇନ୍ କରିବା ପାଇଁ ଡିଷ୍ଟ୍ରିବ୍ୟୁଟେଡ୍ ଡିନାଏଲ୍-ଅଫ୍-ସର୍ଭିସ୍ (ଡିଡିଓଏସ୍) ଆକ୍ରମଣ କରିଥିଲେ । ସେମାନେ ଏକ ପ୍ଲାଟଫର୍ମ ମାଧ୍ୟମରେ ସେମାନଙ୍କର ଆକ୍ରମଣର ସଫଳତା ଉପରେ ନଜର ରଖିଥିଲେ ଏବଂ ସେମାନଙ୍କର ଟେଲିଗ୍ରାମ୍ ଗ୍ରୁପ୍, ଆନୋନସେକ୍ରେ ଡାଉନ୍ ହୋଇଥିବା ୱେବସାଇଟ୍ଗୁଡ଼ିକର ସ୍କ୍ରିନସଟ୍ ସେୟାର କରିଥିଲେ, ଯେଉଁଥିରେ ''ହାଏ, ଇଣ୍ଡିଆ, ଆମେ ଏବେ ତୁମର ସିଲ୍ଡ ଏବଂ ସର୍ଭରଗୁଡ଼ିକୁ ହଟାଇ ଦେଇଛୁ'' ଏବଂ ''ଭାରତ ଏହାକୁ ଆରମ୍ଭ କରିଥାଇପାରେ, କିନ୍ତୁ ଆମେ ଏହାକୁ ସମାପ୍ତ କରିବୁ'' ଭଳି ଆଶ୍ଚର୍ଯ୍ୟ ବାର୍ତ୍ତା ଥିଲା । ଡେପୁଟି ଇନ୍ସପେକ୍ଟର ଜେନେରାଲ ସୁନୀଲ ଜୋଶୀ ନିଶ୍ଚିତ କରିଛନ୍ତି ଯେ ଇଣ୍ଟେଲ ଗୁଇନ୍ଦା ସୂଚନା ଉପରେ ଶୀଘ୍ର କାର୍ଯ୍ୟ କରିଥିଲା । ଏଥି ସହ ଏକ ସ୍ୱତନ୍ତ୍ର ଦଳ ଗଠନ ମଧ୍ୟ କରିଥିଲା ଯାହା ସନ୍ଦିଗ୍ଧ ବ୍ୟକ୍ତିଙ୍କ ଅନଲାଇନ୍ କାର୍ଯ୍ୟକଳାପକୁ ଟ୍ରାକ୍ କରିଥିଲା, ଯାହା ଫଳରେ ସେମାନଙ୍କୁ ଗିରଫ କରାଯାଇଥିଲା ଏବଂ ଫୋରେନସିକ୍ ଟେଷ୍ଟ ପାଇଁ ମୋବାଇଲ୍ ଡିଭାଇସ୍ ଜବତ କରାଯାଇଥିଲା ।

## ଆମେରିକାରେ ଇସ୍ରାଏଲ ଦୂତାବାସ ସାମ୍ନାରେ ଗୁଳିମାଡ଼, ୨ ଇସ୍ରାଏଲୀ ମୃତ

ନୂଆଦିଲ୍ଲୀ : ଆମେରିକାର ୱାଶିଂଟନ ଡିସିରେ ଦୁଇଜଣ ଇସ୍ରାଏଲୀ ନାଗରିକଙ୍କୁ ହତ୍ୟା । ୱାଶିଂଟନ ଡିସିରେ ଥିବା ଯିହୂଦୀ ସଂଗ୍ରହାଳୟ ବାହାରେ ଏକ ଭୟଙ୍କର ଗୁଳିକାଣ୍ଡ ଘଟିଛି । ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଗିରଫ ହୋଇଥିବା ବ୍ୟକ୍ତି ଜଣକ ଗିରଫଦାରୀ ସମୟରେ ପାଲେଷ୍ଟାଇନ ପାଇଁ ସ୍ଲୋଗାନ ଦେଇଥିଲେ । ଏହାକୁ ନେଇ ଇସ୍ରାଏଲୀ ଦୂତାବାସ ପ୍ରତିକ୍ରିୟା କହିଛି, ଗୁଳିକାଣ୍ଡରେ ଦୁଇ ଜଣ ଦୂତାବାସ ଅଧିକାରୀ ପ୍ରାଣ ହରାଇଛନ୍ତି । ନ୍ୟୁଜ ଏଜେନ୍ସୀ ମୁତାବକ, ୱାଶିଂଟନ୍ ଡିସିରେ ଏକ ବଡ଼ ଗୁଳିବିନିମୟ ହୋଇଛି । ଏହି ଘଟଣାଟି ରାତି ପ୍ରାୟ ୯.୧୫ ସମୟରେ ଘଟିଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । ଏହି ଆକ୍ରମଣରେ ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଆକ୍ରମଣରେ ମୃତ୍ୟୁବରଣ କରିଥିବା ଉଭୟ ବ୍ୟକ୍ତି ଇସ୍ରାଏଲୀ କୂଟନୀତିଜ୍ଞ ଥିଲେ । ଜାତିସଂଘରେ ଇସ୍ରାଏଲର ରାଷ୍ଟ୍ରଦୂତ ଡେନି ଡେନନ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ପୋଷ୍ଟଟି ସେୟାର କରିଛନ୍ତି । ସେ ଲେଖିଛନ୍ତି, "ଏହି ଘାତକ ଗୁଳିକାଣ୍ଡରେ ଇସ୍ରାଏଲୀ ଦୂତାବାସର କର୍ମଚାରୀ ଆହତ ହୋଇଛନ୍ତି । ଏହାକୁ ଏକ ଘୃଣ୍ୟ ଇହୁଦୀ-ବିରୋଧୀ ଆତଙ୍କବାଦ କାର୍ଯ୍ୟ ବୋଲି କହିଥିଲେ ।

## ଯଦି ଆତଙ୍କୀ ପାକିସ୍ତାନରେ ରୁହନ୍ତି ତେବେ ତାଙ୍କୁ ସେଠାରେ ହିଁ ମାରିବୁ: ଜୟଶଙ୍କର



ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ବର୍ତ୍ତମାନ ୟୁରୋପର ତିନି ଦେଶ ଗସ୍ତରେ ରହିଛନ୍ତି । ନେଦରଲାଣ୍ଡରେ ରହି ଆତଙ୍କବାଦୀ ବିରୁଦ୍ଧରେ ଭାରତର ଅପେରସନ ସିନ୍ଦୂର, ପାକିସ୍ତାନ ଏବଂ କଶ୍ମୀର ପ୍ରସଙ୍ଗ ଉପରେ ଚର୍ଚ୍ଚା କରିଛନ୍ତି । ଆତଙ୍କବାଦ ବିରୋଧରେ କଡ଼ା ନୀତି ଗ୍ରହଣ କରିଛନ୍ତି । ଜୟଶଙ୍କର ସ୍ପଷ୍ଟ କରିଛନ୍ତି ଯେ, ଯଦି ଆତଙ୍କବାଦୀମାନେ ପାକିସ୍ତାନରେ ଅଛନ୍ତି, ତେବେ ଭାରତ ସେମାନଙ୍କୁ ସେଠାରେ ହିଁ ଟାର୍ଗେଟ୍ କରିବ । ଏକ ବୟାନରେ ଜୟଶଙ୍କର କହିଛନ୍ତି, ଆମେ ଆତଙ୍କବାଦକୁ କୌଣସି ପରିସ୍ଥିତିରେ ସହ୍ୟ କରିବୁ ନାହିଁ । ଯେଉଁମାନେ ଭାରତରେ ଆତଙ୍କ ସୃଷ୍ଟି କରୁଛନ୍ତି, ସେମାନଙ୍କୁ କୌଣସି ସ୍ଥାନରେ ଛଡ଼ାଯିବ ନାହିଁ । ଆତଙ୍କୀ ବିରୁଦ୍ଧରେ ସୈନ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ପ୍ରଶଂସାଯୋଗ୍ୟ । ଅସ୍ତ୍ରବିରତି ଅସ୍ଥାୟୀ ସମାଧାନ । ପାକିସ୍ତାନ ସହିତ ସଂଘର୍ଷର ସ୍ଥାୟୀ ଏବଂ ସଠିକ୍ ସମାଧାନ ରାସ୍ତା ଦରକାର । ଆମେ ଆତଙ୍କବାଦୀକୁ ଶେଷ କରିବାକୁ ଚାହୁଁଛୁ । ଆତଙ୍କବାଦକୁ ନେଇ ଜୟଶଙ୍କର ପୂର୍ବରୁ କହିଛନ୍ତି, ଅପରେସନ ସିନ୍ଦୂର ପାକିସ୍ତାନକୁ ବାର୍ତ୍ତା ଥିଲା, ଯଦି ୨୨ ଏପ୍ରିଲ ଭଳି କିଛି ହେବ, ତେବେ ମୁହଁତୋଡ ଜବାବ ଦିଆଯିବ । ଆମେ ଆତଙ୍କୀକୁ ଛାଡିବୁ ନାହିଁ । ଆତଙ୍କୀ ପାକିସ୍ତାନରୁ ଆରମ୍ଭ କରି ଯେଉଁଠାରେ ବି ଥିବେ, ସେମାନଙ୍କୁ ଛଡାଯିବ ନାହିଁ । ଅପରେସନ ସିନ୍ଦୂର ଏକ ବାର୍ତ୍ତା । ଏବେ ସହମତିରେ ଅସ୍ତ୍ରବିରତି ରହିଛି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ- ଡଚ୍ ମଧ୍ୟରେ ସଂପର୍କକୁ ଗଭୀର କରିବା ପାଇଁ ନେଦରଲାଣ୍ଡ ଗସ୍ତ କରିଥାନ୍ତେ । କିନ୍ତୁ ଭାରତ ପାକିସ୍ତାନ ଟେନସନ ଯୋଗୁଁ ପ୍ରଧାନମନ୍ତ୍ରୀ ଗସ୍ତ ବାତିଲ କରିଛନ୍ତି । ତାଙ୍କ ସ୍ଥାନରେ ଜୟଶଙ୍କର ଗସ୍ତ କରିଥିଲେ ।

## ମେଡିକାଲରେ ଭର୍ତ୍ତି ହେଲେ ସତ୍ୟପାଲ ମଲ୍ଲିକ

ନୂଆଦିଲ୍ଲୀ, ୨୨।୫: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜାମ୍ମୁ ଓ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ଏବଂ ଅନ୍ୟ ପାଞ୍ଚ ଜଣଙ୍କ ବିରୋଧରେ କିରୁ ଜଳବିଦ୍ୟୁତ ପ୍ରକଳ୍ପରେ ୨,୨୦୦ କୋଟି ଟଙ୍କାର ନାଗରିକ କାର୍ଯ୍ୟ ଠିକା ପ୍ରଦାନରେ ଅଭିଯୁକ୍ତ ଦୁର୍ନୀତି ମାମଲାରେ ଏକ ଚାର୍ଜସିଟ ଦାଖଲ କରିଛି । ଏହି ଚାର୍ଜସିଟ ତିନି ବର୍ଷର ତଦନ୍ତ ପରେ ଏକ ବିଶେଷ ଅଦାଲତରେ ଦାଖଲ କରାଯାଇଛି । ଅନ୍ୟପଟେ, ଏହି ଘୋଷଣା ପରେ ସତ୍ୟପାଲ ମଲିକ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା "ଗମ୍ଭୀର" ଥିବା ସୂଚନା ମିଳିଛି ।

## ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ପୂରିଲା ମାସେ





ନୂଆଦିଲ୍ଲୀ : ଜମ୍ମୁ-କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଜଣେ ବିଦେଶୀଙ୍କ ସମେତ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା । ଏହି ଛାତିଥରା ଘଟଣାଟି ୨୨ ଏପ୍ରିଲରେ ଘଟିଥିଲା । ଆଜି ଏହି ଆକ୍ରମଣକୁ ଗୋଟିଏ ମାସ ପୂରିଗଲା । ଏହି ଗୋଟିଏ ମାସରେ ବହୁତ କିଛି ଘଟିଗଲା । ଏହି ଘଟଣା ପରେ ପ୍ରଥମେ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖାଯାଇଥିଲା । ପାକିସ୍ତାନରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରାଯାଇଥିଲା । ପାକିସ୍ତାନ ସହିତ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେଲା ଏବଂ ତା'ପରେ ଯୁଦ୍ଧବିରତି ମଧ୍ୟ ଘୋଷଣା କରାଗଲା । ପହଲଗାମ ଆକ୍ରମଣର ତଦନ୍ତ ଠାରୁ ଆରମ୍ଭ କରି ଭାରତର ବିଶ୍ୱସ୍ତରୀୟ ମିଶନ ପର୍ଯ୍ୟନ୍ତ ଏହି ଗୋଟିଏ ମାସରେ କ'ଣ ଘଟିଲା ? ପହଲଗାମ ଆକ୍ରମଣର ପରଦିନ, ଜାତୀୟ ତଦନ୍ତ ସଂସ୍ଥା ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା । ଏନଆଇଏ ଟିମ୍ ୨୩ ଏପ୍ରିଲରେ ଏହି ଆତଙ୍କବାଦୀ ଆକ୍ରମଣର ତଦନ୍ତ ଆରମ୍ଭ କରିଥିଲା । ପହଲଗାମ ଆତଙ୍କୀ ଆକ୍ରମଣର କିଛି ଘଣ୍ଟା ପରେ ଅମିତ ଶାହ ଶ୍ରୀନଗର ଗସ୍ତ କରି ପୀଡିତମାନଙ୍କୁ ଭେଟିଥିଲେ । ଏହା ପରେ ଅମିତ ଶାହ ସେନା, ସିଆରପିଏଫ ଏବଂ ପୋଲିସ ସମେତ ସୁରକ୍ଷା ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ସାଉଦି ଆରବ ଗସ୍ତ ମଝିରେ ଛାଡି ଦେଶକୁ ଫେରି ଆସିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ପରିସ୍ଥିତିର ମୁକାବିଲା ପାଇଁ ଏକ ବୈଠକ କରିଥିଲେ । ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ଉଉଝ) ପାକିସ୍ତାନକୁ ପ୍ରଭାବିତ କରୁଥିବା ଚାରୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ୧. ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିବା ୨. ଅଟାରୀ-ୱାଘା ବର୍ଡ଼ର ତୁରନ୍ତ ବନ୍ଦ କରିବା ୩. ପାକିସ୍ତାନ ପାଇଁ ସାର୍କ ଭିସା ଯୋଜନା ବନ୍ଦ କରିବା ୪. ପାକିସ୍ତାନ ହାଇ କମିଶନରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା । ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ୭ ମଇ ୨୦୨୫ରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଭାରତୀୟ ସେନା ଚଙ୍କ ଏବଂ ପାକିସ୍ତାନରେ ଅବସ୍ଥିତ ନଅଟି ଆତଙ୍କବାଦୀ ଆଡ୍ଡା ଉପରେ ବାୟୁସେନା ଆକ୍ରମଣ କରିଥିଲେ । ଏହି ଅପରେସନରେ ୧୦୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଯେଉଁଥିରେ ଲସ୍କର-ଏ-ତୈବା, ଜୈଶ-ଏ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦିନର ଆଡ୍ଡାଗୁଡ଼ିକୁ ଟାର୍ଗେଟ କରାଯାଇଥିଲା । ନିହତ ଆତଙ୍କବାଦୀଙ୍କ ମଧ୍ୟରେ ଜୈଶ-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କ ପରିବାରର ୧୦ ରୁ ଅଧିକ ସଦସ୍ୟ ଥିଲେ । ଅପରେସନ ସିନ୍ଦୂରର ସଫଳତା ପରେ, ୮ ମଇ ସକାଳ ୧୧ଟାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭଳି ବିରୋଧୀ ନେତାମାନଙ୍କୁ ଅପରେସନ୍ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ଏହି ଅପରେସନରେ ସମସ୍ତ ବିରୋଧୀ ଦଳ ମଧ୍ୟ ଖୋଲାଖୋଲି ଭାବରେ ସରକାର ଏବଂ ସେନା ସହିତ ଏକତା ପ୍ରଦର୍ଶନ କରିଥିଲେ । ଯାହାପରେ ଗତ ୧୦ ତାରିଖରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧବିରତି ହୋଇଥିଲା । ସିନ୍ଦୂର ଅପରେସନ୍ ପରେ ଯୁଦ୍ଧବିରତି ପାଇଁ ନିବେଦନ କରିଥିଲା ପାକିସ୍ତାନ । ତେବେ ଆକ୍ରମଣର ଗୋଟେ ମାସ ବିତିଯାଇଥିଲେ ସୁଦ୍ଧା ପହଲଗାମ ଆକ୍ରମଣ କରିଥିବା ଆତଙ୍କବାଦୀଙ୍କୁ ଏବେ ପର୍ଯ୍ୟନ୍ତ ଧରାଯାଇନାହିଁ କିମ୍ବା ସେମାନଙ୍କ ବିଷୟରେ କୌଣସି ସୁରାକ ମିଳିନାହିଁ ।

## ପାକ୍‌ରେ ନଦୀବନ୍ଧ ନିର୍ମାଣ ଜୋରଦାର କରିଛି ଚାଇନା





ନୂଆଦିଲ୍ଲୀ : ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ସ୍ଥଗିତ ରଖିଥିବାରୁ ପାକିସ୍ତାନ ବିଚଳିତ ହୋଇଯାଇଛି । ଏହାର ଜଳ ସୁରକ୍ଷା ବଢ଼ାଇବା ପାଇଁ ସ୍ୱାତ୍ ନଦୀରେ ମହମନ୍ଦ ଡ୍ୟାମ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପାକିସ୍ତାନ ଚାଇନାକୁ ଅନୁରୋଧ କରିବାକୁ ବାଧ୍ୟ ହୋଇଛି । ଭାରତ ଜଳଯୋଗାଣ ବନ୍ଦ କରିଦେବାର ଧମକ ଦେବା ପରେ ପାକିସ୍ତାନରେ ମହତ୍ୱାକାଂକ୍ଷୀ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଜୋରଦାର କରାଯାଇଥିବା ଚାଇନା ସରକାରୀ ଖବର ସରବରାହ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଛି । ଭାରତ ସିନ୍ଧୁନଦୀ ଜଳ ଚୁକ୍ତି ସ୍ଥଗିତ ରଖିବାର କିଛି ମାସ ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍ ପ୍ରୋଜେକ୍ଟ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି । ୟୁରୋପୀୟ ସ୍ପେସ୍ ଏଜେନ୍ସିର ହସ୍ତଗତ ହୋଇଥିବା ସାଟେଲାଇଟ୍ ଚିତ୍ରରେ ଗତ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍‌ର ମୁଖ୍ୟ ବନ୍ଧ କାର୍ଯ୍ୟ ଦେଖିବାକୁ ମିଳିଛି । ଗତ ୧୭ ତାରିଖର ସାଟେଲାଇଟ୍ ଚିତ୍ରରେ ପଥର ବନ୍ଧ ନିକଟରେ ବିପୁଳ ପରିମାଣର ସିମେଣ୍ଟ ଓ ଅନ୍ୟ ସାମଗ୍ରୀରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖାଯାଇଥିବାରୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରିମ ପର୍ଯ୍ୟାୟରେ ପହଞ୍ଚିବାର ସୂଚନା ମିଳୁଛି ।

## ଇଟାଲୀ-ପାକିସ୍ତାନ ସଂସଦୀୟ ଚୁକ୍ତି ସ୍ୱାକ୍ଷର: ଭାରତକୁ ଝଟକା

ନୂଆଦିଲ୍ଲୀ : କୁହାଯାଏ ଯେ ବିପଦ ସମୟରେ ଆମେ ବନ୍ଧୁ ଏବଂ ଶତ୍ରୁ ମଧ୍ୟରେ ପାର୍ଥକ୍ୟ ଜାଣିପାରୁ । ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ, ଭାରତ ସେହି ସମସ୍ତ ଦେଶ ବିଷୟରେ ମଧ୍ୟ ଜାଣିବାକୁ ପାଉଛି ଯେଉଁମାନେ ନିଜକୁ ଭାରତର ବନ୍ଧୁ ବୋଲି ବାହାନା କରୁଥିଲେ ଏବଂ ଗୁପ୍ତ ଭାବରେ ପାକିସ୍ତାନକୁ ସାହାଯ୍ୟ କରୁଥିଲେ । ତୁର୍କୀ ଏବଂ ଆଜରବୈଜାନ ପରେ, ଜିଓର୍ଜିଆ ମେଲୋନିଙ୍କ ଇଟାଲୀ ମଧ୍ୟ ତା'ର ଅସଲ ରୂପ ଦେଖାଇଛି ! ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ, ଇଟାଲୀ ପାକିସ୍ତାନ ସହିତ ଏକ ସଂସଦୀୟ ଚୁକ୍ତି ସ୍ୱାକ୍ଷର କରିଛି । ପାକିସ୍ତାନ ସିନେଟ ଅଧ୍ୟକ୍ଷ ସୟଦ ୟୁସୁଫ ରାଜା ଗିଲାନି ଇଟାଲୀ ଚାମ୍ବର ଅଫ ଡେପୁଟିଜ ସଭାପତି ଲୋରେଞ୍ଜୋ ଫଣ୍ଟାନାଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ବିଷୟରେ ଆଲୋଚନା କରିଥିଲେ । ଉଭୟ ନେତା ଲୋକ ସମ୍ପର୍କ ସ୍ଥାପନ ପାଇଁ ସଂସଦୀୟ ସହଯୋଗ ଏବଂ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଉଭୟ ପକ୍ଷ ଆଫଗାନିସ୍ତାନର ବିକାଶ ଉପରେ ମଧ୍ୟ ଆଲୋଚନା କରିଥିଲେ । ଗିଲାନି କହିଛନ୍ତି ଯେ ଆଫଗାନିସ୍ତାନ ପାକିସ୍ତାନର ଏକ ଭାଇଚାରା ରାଷ୍ଟ୍ର ଏବଂ ଇସଲାମାବାଦ ଏକ ସ୍ଥିର, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଆଫଗାନିସ୍ତାନ ଚାହୁଁଛି । ଇଟାଲୀୟ ସଂସଦର ଅଧ୍ୟକ୍ଷ ଫଣ୍ଟାନା କହିଛନ୍ତି ଯେ ସେ ତାଙ୍କ ପ୍ରତିପକ୍ଷ ଜାତୀୟ ଆସେମ୍ବଲି ବାଚସ୍ପତି ସର୍ଦ୍ଦାର ଆୟାଜ ସାଦିକଙ୍କ ଦ୍ୱାରା ପାକିସ୍ତାନ ଗସ୍ତ ପାଇଁ ଦିଆଯାଇଥିବା ନିମନ୍ତ୍ରଣକୁ ଗ୍ରହଣ କରିବେ । ସେ ଦୁଇ ସଂସଦ ମଧ୍ୟରେ ସହଯୋଗ ଏବଂ ଆଦାନପ୍ରଦାନକୁ ଆନୁଷ୍ଠାନିକ କରିବା ପାଇଁ ଏକ ଚୁକ୍ତିନାମା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏହି ଚୁକ୍ତିନାମା ପରେ, ଉଭୟ ଦେଶର ସାଂସଦ ଏବଂ ପ୍ରତିନିଧିମାନେ ପରସ୍ପରର ଦେଶ ଗସ୍ତ କରିବେ । ଏହା ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ପଦକ୍ଷେପ ନିଆଯିବ । ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନି ଅନେକ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କର ବନ୍ଧୁ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ଭାରତ ସହିତ ତାଙ୍କର ଘନିଷ୍ଠତା ଦାବି କରିଛନ୍ତି । ସେହି ସମୟରେ, ସେମାନଙ୍କର ନେତା ଏବଂ ଅଧିକାରୀମାନେ ଏପରି ସମୟରେ ପାକିସ୍ତାନ ସହିତ ଚୁକ୍ତି କରିବାକୁ ବିଶ୍ୱାସଘାତକତା ବୋଲି ବିବେଚନା କରାଯାଉଛି । କିଛି ଲୋକ ବିଶ୍ୱାସ କରନ୍ତି ଯେ ଭାରତ ଏହି ଲଢ଼େଇରେ ତାର ପ୍ରକୃତ ସହାନୁଭୂତିଶୀଳ ଲୋକଙ୍କୁ ଖୋଜି ପାଇଛି ।

## ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୨ ଜଣ ଆତଙ୍କବାଦୀ

ନୂଆଦିଲ୍ଲୀ : ଆଜି ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୨ ଜଣ ଆତଙ୍କବାଦୀ । ଜମ୍ମୁ-କଶ୍ମୀରର କିସ୍ତିୱାର ଜିଲ୍ଲା ଛତ୍ରୋ ସ୍ଥିତ ସିଙ୍ଗପୁରା ଅଞ୍ଚଳରେ ସୁରକ୍ଷାକର୍ମୀଙ୍କୁ ଏପରି ସଫଳତା ପାଇଛି । ଆଜି ସକାଳେ ହୋଇଥିବା ଏନକାଉଣ୍ଟରରେ ୨ ଜଣ ଜୈଶ-ଇ-ମହମ୍ମଦର ଆତଙ୍କବାଦୀ ନିହତ ହୋଇଛନ୍ତି । ଏବେ ବି ସେଠାରେ ଆଉ କିଛି ଆତଙ୍କବାଦୀ ଲୁଚି ରହିଥିବା ଆଶଙ୍କାରେ ସର୍ଚ୍ଚ ଅପରେସନ ଜାରି ରହିଛି । ଆର୍ମିର ହ୍ୱାଇଟ ନାଇଟ କ୍ରସ୍ପ ପକ୍ଷରୁ କୁହାଯାଇଛି ଯେ ଅପରେସନ ତ୍ରାଶି ନାଁରେ ସର୍ଚ୍ଚ ଅପରେସନ ଚାଲିଥିଲା । ଏଥିରେ ଜମ୍ମୁ-କଶ୍ମୀର ପୁଲିସ୍, ପାରା ସ୍ପେଶାଲ ଫୋର୍ସର ୨ଟି ଟ୍ରୁପ୍ସ, ଆର୍ମିର ୧୧ ରାଷ୍ଟ୍ରୀୟ ରାଇଫଲ୍ସ, ୭ମ ଆସାମ ରାଇଫଲ୍ସ ଓ କିସ୍ତିୱାର ଏସଓଜି ଯବାନ ସାମିଲ ହୋଇଥିଲେ । ସକାଳ ୭ଟାରେ ଅପରେସନ ଚାଲିଥିବା ବେଳେ ସିଙ୍ଗପୁରା ଛତ୍ରୋ ଠାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ପ୍ରାଥମିକ ରିପୋର୍ଟରେ କୁହାଯାଇଥିଲା ଯେ ୩ରୁ ୪ ଜଣ ଆତଙ୍କବାଦୀ ଛତ୍ରୋ ଜଙ୍ଗଲରେ ଲୁଚି ଥିବା ବେଳେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଘେରାବନ୍ଦୀ କରିଛନ୍ତି । ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା ଓ ଏନକାଉଣ୍ଟର ସ୍ଥଳର ସବୁ ରାସ୍ତାକୁ ସିଲ୍ କରାଯାଇଥିଲା । ଦୀର୍ଘ ସମୟ ଧରି ଚାଲିଥିବା ଏନକାଉଣ୍ଟରରେ ୨ ଜଣ ଜୈଶ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ମୃତଦେହକୁ ଜବତ କରାଯାଇଛି । ମୃତଦେହ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି । ଏବେ ବି ଜଙ୍ଗଲରେ ଆଉ କିଛି ଆତଙ୍କବାଦୀ ଥିବା ସନ୍ଦେହରେ ସର୍ଚ୍ଚ ଅପରେସନ ଜାରି ରହିଛି । ଏହାକୁ ମିଶାଇ ଦୁଇ ସପ୍ତାହ ମଧ୍ୟରେ ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ହୋଇଥିବା ଏନକାଉଣ୍ଟରରେ ୮ ଜଣ ଆତଙ୍କବାଦୀ ନିହତ ହୋଇ ସାରିଲେଣି । ଏହାପୂର୍ବରୁ ଜମ୍ମୁ-କଶ୍ମୀରର ପୁଲୱାମା ଅନ୍ତର୍ଗତ ତ୍ରାଲରେ ହୋଇଥିବା ଏନକାଉଣ୍ଟରରେ ଜୈଶର ୩ ଜଣ ଆତଙ୍କବାଦୀ ନିହତ ହୋଇଥିଲେ । ସେହିପରି ଶୋପିଆନରେ ହୋଇଥିବା ଏନକାଉଣ୍ଟରରେ ଲସ୍କର-ଇ-ତାଏବାର ୩ ଆତଙ୍କୀଙ୍କ ମୃତ୍ୟୁ ହୋଇଥିଲା ।

## ୟୁଟ୍ୟୁବର ଜ୍ୟୋତିଙ୍କୁ ଆଉ ୪ ଦିନ ପାଇଁ ରିମାଣ୍ଡରେ ନେଲା ପୋଲିସ



ନୂଆଦିଲ୍ଲୀ : ପୁଣି ରିମାଣ୍ଡରେ ଗଲା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା । ଜ୍ୟୋତିଙ୍କୁ ହିସାର ଜିଲ୍ଲା କୋର୍ଟରେ ହଜାର କରାଯାଇଥିଲା । ହେଲେ ହରିଆଣାର ହିସାର ପୋଲିସ ଆଉ ୪ ଦିନ ପାଇଁ ରିମାଣ୍ଡରେ ନେଇଛି । ପୂର୍ବରୁ ୫ଦିନ ପାଇଁ ତାଙ୍କୁ ରିମାଣ୍ଡରେ ନେଇ ପୋଲିସ ଗୁଡ଼େଇତୁଡ଼େଇ ଜେରା କରିଥିଲା । ଆଜି ତାଙ୍କୁ ହିସାର ଜିଲ୍ଲା କୋର୍ଟରେ ହାଜର କରାଯିବା ପରେ ପୁଣି ୪ ଦିନ ରିମାଣ୍ଡ ପାଇଁ ପୋଲିସକୁ ଅନୁମତି ମିଳିଛି । ଗୁପ୍ତଚର ୟୁଟ୍ୟୁବର ଜ୍ୟୋତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦୁବାଇରୁ ଟଙ୍କା ଆସିଥିବା ଜଣାପଡ଼ିଛି । ଜ୍ୟୋତିଙ୍କର ଅନେକ ବ୍ୟାଙ୍କ ଆକାଉଣ୍ଟ ରହିଛି । ଆର୍ଥିକ କାରବାରର ଖୋଳତାଡ଼ ଚଳାଇଛି ତଦନ୍ତକାରୀ ସଂସ୍ଥା । ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଦୁବାଇରୁ ଆସୁଥିବା ଟଙ୍କା ଦେଖି ତଦନ୍ତକାରୀ ତାଜୁବ ହୋଇଛନ୍ତି । ହରିଆଣା ପୋଲିସ ସୂତ୍ରରୁ ପ୍ରକାଶ ଯେ, ଜ୍ୟୋତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅନେକ କାରବାର ସନ୍ଦେହ ଘେରରେ ରହିଛି । ଏପର୍ଯ୍ୟନ୍ତ ତାଙ୍କର ୪ଟି ବ୍ୟାଙ୍କ ଆକାଉଣ୍ଟ ଜବତ କରାଯାଇଛି । ଗୋଟିଏ ଆକାଉଣ୍ଟରରେ ଦୁବାଇ ସହିତ କାରବାର ହୋଇଥିବା ତଥ୍ୟ ମିଳିଛି । ସେ କେଉଁ କେଉଁ ସୂତ୍ରରୁ ଅର୍ଥ ପାଉଥିଲେ । ତାହାର ଯାଞ୍ଚ କରାଯାଉଛି । କିଏ କଣ ପାଇଁ ପଠାଇଥିଲା ଟଙ୍କା । ଚାଲିଛି ଖୋଳତାଡ଼ । ସେହିପରି ଜ୍ୟୋତି ଏକାଧିକ ବାର ବିଦେଶ ଗସ୍ତ କରିଥିବା ପାସପୋର୍ଟରୁ ସ୍ପଷ୍ଟ ହୋଇଛି । ୨୦୧୮ରେ ସେ ପାସପୋର୍ଟ ପ୍ରସ୍ତୁତ କରିଥିଲେ । ୨୦୨୮ ପର୍ଯ୍ୟନ୍ତ ଏହା ବୈଧ ରହିଛି । ତେବେ ଏଯାଏ ସେ ବହୁବାର ପାକିସ୍ତାନ ଗସ୍ତ କରିଛନ୍ତି । ଏହା ସହ ଚୀନ, ଦୁବାଇ, ଥାଇଲାଣ୍ଡ, ବାଂଲାଦେଶ, ଭୂଟାନ, ନେପାଳ ଓ ଇଣ୍ଡୋନେସିଆ ମଧ୍ୟ ଗସ୍ତ କରିଥିବା ଜଣାପଡ଼ିଛି । ନୂଆଦିଲ୍ଲୀ ସ୍ଥିତ ପାକିସ୍ତାନ ହାଇକମିସନ ଅଫିସର ଜଣେ କର୍ମଚାରୀଙ୍କ ସହ ଜ୍ୟୋତି ନିୟମିତ ଯୋଗାଯୋଗରେ ରହିଥିଲେ । ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଜ୍ୟୋତିଙ୍କୁ ପୋଲିସ ଗିରଫ କରିଥିଲା ।

## ହେଲିକପ୍ଟରରେ ଆସିଲା ୨୭ ମାଓବାଦୀଙ୍କ ମୃତଦେହ



ଛତିଶଗଡ଼ : ହେଲିକପ୍ଟରରେ ନାରାୟଣପୁର ଆସିଲା ୨୭ ମାଓବାଦୀଙ୍କ ମୃତଦେହ । ଛତିଶଗଡ଼ ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାବାହିନୀ ଅପରେସନରେ ଟପ୍ ମାଓନେତା ବାସବରାଜ ସମେତ ୨୭ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ସମସ୍ତଙ୍କ ମୃତଦେହ ହେଲିକପ୍ଟରରେ ନାୟାରାଣପୁର ଅଣାଯାଇଛି । ଖରାପ ପାଗ ଯୋଗୁଁ ଗତକାଲି ମାଓବାଦୀଙ୍କ ମୃତଦେହ ଅଣାଯାଇ ପାରିନଥିଲା । ୨୭ ମାଓବାଦୀଙ୍କ ନିପାତ ପରେ ସୁରକ୍ଷାବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ ଜୋରଦାର କରାଯାଇଛି । ଆହୁରି ଅଧିକ ମାଓବାଦୀ ମୃତାହତ ହୋଇଥିବା ସନ୍ଦେହରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି । ବିଭିନ୍ନ ସ୍ଥାନରେ ମାଓବାଦୀ ଆଇଇଡି ଖଞ୍ଜିଥିବା ଆଶଙ୍କା କରାଯାଉଛି । ଘଟଣାସ୍ଥଳରୁ ବିପୁଳ ପରିମାଣର ମାଓ ବିସ୍ଫୋରକ ସହ ଅତ୍ୟାଧୁନିକ ଅଟୋମେଟିକ ବନ୍ଧୁକ ଜବତ କରିଛି ସୁରକ୍ଷକର୍ମୀ ।

### ଏସିଆ କପ୍ ଓ ୨୦୨୬ ଟି-୨୦ ବିଶ୍ୱକପ୍

# ପରସ୍ପର ବିରୋଧରେ ଖେଳିବେ ଭାରତ-ପାକିସ୍ତାନ ?

ନୂଆଦିଲ୍ଲୀ, ୨୩।୫: ପହଲଗାମ ଆତଙ୍କୀ ହମଲାର ଜବାବରେ ଭାରତ ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନକୁ ଉଚିତ ଜବାବ ଦେଇଛି। ଭାରତର ପ୍ରହାରରେ ଅସ୍ତ୍ରବିରତିର ଗୁହାରି କରିଥିଲ ପାକିସ୍ତାନ। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମରେ ପହଞ୍ଚିଥିଲା। ଦୁଇ ଦେଶ ମଧ୍ୟରେ ଉତ୍ତେଜନାର ପ୍ରଭାବ କ୍ରୀଡ଼ା ଉପରେ ମଧ୍ୟ ପଡ଼ିଛି। ଏହା ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି)ର ଜୁଲାଇରେ ସିଙ୍ଗାପୁରରେ ବାର୍ଷିକ ସମ୍ମିଳନୀ ହେବାକୁ ଯାଉଛି।ଏଥିରେ ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ କ୍ରିକେଟ୍‌ର ଭବିଷ୍ୟତ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

ଏହି ଚର୍ଚ୍ଚା ଜାରି ରହିଛି ଯେ, ଭାରତ ସେପ୍ଟେମ୍ବରରେ ଆୟୋଜିତ ହେବାକୁ ଥିବା ଏସିଆ କପ୍‌ରେ ଭାଗ ନେବ ନାହିଁ ହେଲେ ବିସିସିଆଇ ଏମିତି ଚର୍ଚ୍ଚା ଓ କଳ୍ପନା ଜଳ୍ପନାକୁ ଖଣ୍ଡନ କରିଛି । ଆସନ୍ତା ମାସରେ ଶ୍ରୀଲଙ୍କାରେ ହେବାକୁ ଥିବା ମହିଳା ଏସିଆ କପ୍ ଏହି କାଣରୁ ରଦ୍ଦ ହୋଇ ସାରିଛି।କାରଣ ଏଥିରେ ଭାରତ ଅଂଶଗ୍ରହଣ କରୁ ନ ଥିଲା ।ଏମିତିର ସ୍ଥିତିରେ ଆଇସିସିର ବାର୍ଷିକ ସମ୍ମିଳନୀରେ ଭାରତ-ପାକିସ୍ତାନ କ୍ରିକେଟ୍ର ଭବିଷ୍ୟତ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏହି ବୈଠକ ଜୁଲାଇ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁରରେ ଆୟୋଜନ ହେବ ।




ଦୁଇ ଦେଶ କେବଳ ଆଇସିସି ଓ ଏସିସି ଇଭେଣ୍ଟରେ ପରସ୍ପର ବିପକ୍ଷରେ ମ୍ୟାଚ୍ ଖେଳିଥାନ୍ତି। ମାତ୍ର ନିକଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସାମରିକ ସଂଘର୍ଷ କାରଣରୁ ଦୁଇ ଦେଶ ମଧ୍ୟରେ କ୍ରିକେଟ୍ ମୁକାବିଲା ବିପଦରେ ପଡ଼ି ଯାଇଛି। ଉଲ୍ଲେଖନୀୟ ୨୦୨୬ରେ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପର ଆୟୋଜନ କରୁଛନ୍ତି । ବିସିସିଆଇର ସୂତ୍ର ଅନୁଯାୟୀ, ଏହି ପ୍ରସଙ୍ଗ ବାର୍ଷିକ ସମ୍ମିଳନୀରେ ଆଲୋଚନା ହେବା ପ୍ରାୟ ନିଶ୍ଚିତ ଲାଗୁଛି। କିନ୍ତୁ ଭାରତ ଓ ପାକିସ୍ତାନ ଆଇସିସିର ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହେବାର ସମ୍ଭାବନା କମ ରହିଛି। ଯଦି ଦୁଇ ଦେଶର ମୁକାବିଲା ହୁଏ ତାହା କେବଳ ନକଆଉଟ୍‌ରେ ସମ୍ଭବ ହୋଇପାରେ। ଉଲ୍ଲେଖନୀୟ ଆଇସିସି ଟୁର୍ଣ୍ଣାମେଣ୍ଟରେ ସର୍ବଦା ଭାରତ ଓ ପାକିସ୍ତାନ ମଧ୍ୟରେ ଲିଗ୍ ପର୍ଯ୍ୟାୟରେ ମ୍ୟାଚ୍ ହୋଇଥାଏ।

### ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

#### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୦୯ | ୦୩ | ୧୮ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୦୮ | ୦୩ | ୧୭ |
| ପଞ୍ଜାବ କିଙ୍ଗ୍ସ | ୧୨ | ୦୮ | ୦୩ | ୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୦୮ | ୦୫ | ୧୬ |
| ଦିଲ୍ଲୀ କ୍ୟାପିଟାଲ୍ | ୧୩ | ୦୬ | ୦୫ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୩ | ୦୫ | ୦୬ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୨ | ୦୫ | ୦୭ | ୧୦ |
| ସନରାଇଜର୍ସ ହାଇଦ୍ରାବାଦ | ୧୨ | ୦୪ | ୦୭ | ୦୯ |
| ରାଜସ୍ଥାନ ରୟାଲ୍‌ସ | ୧୪ | ୦୪ | ୧୦ | ୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୦୩ | ୦୯ | ୦୬ |

# ଦୀପ୍ତି ଶର୍ମାଙ୍କୁ ଚୁନା ଲଗାଇଲେ ସାଙ୍ଗ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳି ତଥା ଉତ୍ତରପ୍ରଦେଶ ଡିଏସପି ଦୀପ୍ତି ଶର୍ମାଙ୍କ ଘରେ ଚୋରି ହୋଇଛି। ରିପୋର୍ଟ ଅନୁସାରେ, ତାଙ୍କ ନିଜ ବନ୍ଧୁ ଆରୁଷି ଗୋୟଲଙ୍କ ଉପରେ ଏହି ଚୋରିର ଅଭିଯୋଗ ଆସିଛି। ଦୀପ୍ତିଙ୍କ ଭାଇ ସୁମିତ ଶର୍ମା ପୁଲିସକୁ ଏହି ସୂଚନା ଦେଇଛନ୍ତି। ଦୀପ୍ତି ଶର୍ମାଙ୍କ ବନ୍ଧୁ ତାଙ୍କ ସହିତ ଜୁନିଅର ଦଳରେ ଖେଳିଛନ୍ତି। ଡିସିପି ସୋନମ କୁମାର ଏହି ସମ୍ପୂର୍ଣ୍ଣ ମାମଲା ବିଷୟରେ ସୂଚନା ଦେଇଛନ୍ତି।

ଦୀପ୍ତି ଶର୍ମାଙ୍କ ବନ୍ଧୁ ଆରୁଷି ଗୋୟଲ ଦିଲ୍ଲୀର ବାସିନ୍ଦା ଏବଂ ଆଗ୍ରା କ୍ୟାଣ୍ଟ ରେଳ ଷ୍ଟେସନରେ ଜୁନିଅର କ୍ଲର୍କ ଭାବରେ କାମ କରନ୍ତି। ଦୀପ୍ତିଙ୍କ ସହ ବନ୍ଧୁତାର ସୁଯୋଗ ନେଇ, ଆରୁଷି ଛୋଟ ଛୋଟ କିସ୍ତିରେ ୨୫ ଲକ୍ଷ ଟଙ୍କା ଋଣ ନେଇଥିଲେ। କିନ୍ତୁ ଯେତେବେଳେ ଏହି ଟଙ୍କା ଫେରସ୍ତ କରିବାର କଥା ଆସିଲା, ଆରୁଷି ଗୋୟଲ ଦୀପ୍ତି ଶର୍ମାଙ୍କୁ



ଠକି ଦେଲେ ଏବଂ ଟଙ୍କା ଫେରସ୍ତ କରିବାକୁ ମନା କରିଦେଲେ।

ଦୀପ୍ତି ଆରୁଷିକୁ ତାଙ୍କ ଫ୍ଲାଟକୁ ଆସିବାକୁ ମନା କରିଦେଇଥିଲେ। ଯେତେବେଳେ ସେ ବିଦେଶରେ ଥିଲେ, ଆରୁଷି ଦୀପ୍ତିଙ୍କ ଫ୍ଲାଟରୁ ଜିନିଷପତ୍ର ନେବାକୁ କହିଥିଲେ। ଯେତେବେଳେ ଦୀପ୍ତିଙ୍କ ଭାଇ ସୁମିତ ଫ୍ଲାଟରେ ପହଞ୍ଚିଲେ, ତାଙ୍କ ପାଖରେ ଥିବା ଋବିରେ ତାଲା ଖୋଲାଯାଇ ପାରିଲା ନାହିଁ। ଏହି ଘଟଣା ପରେ ଆରୁଷି କହିଥିଲେ ଯେ ସେ ତାଲା ବଦଳାଇ ଦେଇଛନ୍ତି। ପରେ, ସିସିଟିଭି ଫୁଟେଜ୍ ରୁ ଜଣାପଡ଼ିଥିଲା ଯେ ଆରୁଷି ପୂର୍ବରୁ ମଧ୍ୟ ଦୀପ୍ତିଙ୍କ ଅନୁମତି ବିନା ଫ୍ଲାଟକୁ ଯାଇଥିଲେ। ଆରୁଷିଙ୍କ ବିରୋଧରେ ଦୀପ୍ତିଙ୍କ ଫ୍ଲାଟରୁ ଅଢ଼େଇ ହଜାର ଡଲାର, ସୁନା ଅଳଙ୍କାର ଏବଂ ନଗଦ ଚୋରି କରିଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶ ପୁଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

# ଇଂଲଣ୍ଡ ଯିବେ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୨୨।୫: ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଶୁଭମନ ଗିଲ, ଜସପ୍ରିତ ବୁମ୍ରା, ରିଷଭ ପନ୍ତଙ୍କ ଭଳି କ୍ରିକେଟର ଖେଳିବାର ଆଶା କରାଯାଉଛି।କିନ୍ତୁ ଏହି ସମୟରେ ବୈଭବ ସୂର୍ଯ୍ୟବଂଶୀଙ୍କ ବିଷୟରେ ମଧ୍ୟ ବଡ଼ ଖବର ଆସିଛି। ସେ ମଧ୍ୟ ଇଂଲଣ୍ଡ ଯାଉଛନ୍ତି। ବିସିସିଆଇ ଜୁନିଅର ଚୟନ କମିଟି ଟିମ ଇଣ୍ଡିଆର ୧୯ ବର୍ଷରୁ କମ ଦଳ ଘୋଷଣା କରିଛି। ସେହି ୧୬ ଜଣିଆ ଦଳରେ ଗୋଟିଏ ନାମ ହେଉଛି ବୈଭବ ସୂର୍ଯ୍ୟବଂଶୀ।

ଭାରତ ୧୯ ବର୍ଷରୁ କମ ୧୬ ଜଣିଆ ଦଳର କମାଣ୍ଡ ଆୟୁଷ ମହାତ୍ରେଙ୍କ ହାତରେ ଅଛି ଆୟୁଷ ଏବଂ ବୈଭବ ଉଭୟ କେବଳ ୨୦୨୫ ରେ ଖେଳି ନାହାନ୍ତି ବରଂ ନିଜର ପ୍ରତିଭା ଦେଖାଇଛନ୍ତି। ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ, ସେ ଏବେ ଇଂଲଣ୍ଡରେ ଭାରତ ପାଇଁ ୧୯ ବର୍ଷରୁ କମ କ୍ରିକେଟ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି।ଏହା ବୈଭବ ପ୍ରକାଶ କରିସାରିଛନ୍ତି।




୨୦୨୫ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସର ଯାତ୍ରା ଶେଷ ହେବା ପରେ, ବୈଭବ ସୂର୍ଯ୍ୟବଂଶୀ ରାହୁଲ ଦ୍ରାବିଡଙ୍କ ସହ ଏକ କଥାବାର୍ତ୍ତା କରିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଥିଲା ସେହି କଥାବାର୍ତ୍ତା ସମୟରେ, ବୈଭବ ସୂର୍ଯ୍ୟବଂଶୀ ଦ୍ରାବିଡଙ୍କୁ ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ କହିଥିଲେ ସେ କହିଛନ୍ତି ଯେ ଏବେ ତାଙ୍କୁ ଭାରତ ୧୯ ବର୍ଷରୁ କମ କ୍ୟାମ୍ପରେ ଯୋଗ ଦେବାକୁ ପଡିବ ଏବଂ ସେମାନଙ୍କୁ ବିଜୟୀ କରାଇବା ପାଇଁ ପ୍ରସ୍ତୁତ ହେବାକୁ ପଡିବ। ୧୯ ବର୍ଷରୁ କମ ଦଳର ସିରିଜ ଜୁନ ୨୪ ରୁ ଆରମ୍ଭ ହୋଇ ୨୩ ଜୁଲାଇ ପର୍ଯ୍ୟନ୍ତ ଋଲିବ। ଏହି ସମୟ ମଧ୍ୟରେ, ଇଂଲଣ୍ଡର ଅଣ୍ଡର ୧୯ ଦଳ ସହିତ ଏକ ୫୦ ଓଭରର ଅଭ୍ୟାସ ମ୍ୟାଚ ଖେଳିବା ବ୍ୟତୀତ, ଭାରତର ଅଣ୍ଡର ୧୯ ଦଳ ୫ ଦିନିକିଆ। ଏବଂ ୨ବହୁ-ଦିବସୀୟ ମ୍ୟାଚର ସିରିଜ ମଧ୍ୟ ଖେଳିବ।ଭାରତର ଅଣ୍ଡର ୧୯ ଦଳର ୧୬ ଖେଳାଳି:

୧୬ ଜଣ ଖେଳାଳି, ଯେଉଁମାନେ ଭାରତ ୧୯ ବର୍ଷରୁ କମ ଦଳ ପାଇଁ ମନୋନୀତ ହୋଇଛନ୍ତି।

ଆୟୁଷ ମହ୍ତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା, ଏମ୍ ଋଭଡା, ରାହୁଲ କୁମାର, ଅଭିଗାନ କୁଣ୍ଡୁ (ଉପ-ଅଧିନାୟକ, ଉଇକେଟକିପର), ହରବଂଶ ସିଂ (ଉଇକେଟ କିପର), ଅରେ.ଏସ୍ ଆମ୍ବ୍ରିସ, କନିଷ୍କ ଚୌହାନ, ଖିଲନ ପଟେଲ, ହେନଲ ପଟେଲ, ଯୁଧିଷ୍ଠିର ଗୁଜବ ରାଣା, ଅନମୋଲଜିତ ସିଂ।

# କୋହଲିଙ୍କ ସ୍ଥାନ ପୂରଣ କରିବ କିଏ ?

ନୂଆଦିଲ୍ଲୀ, ୨୨।୫: ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ କ୍ରିକେଟ ଦଳର ଏ ଟିମ୍ ଘୋଷଣା କରାଯାଇଛି। ଏହି ଦଳରେ ଦୀର୍ଘ ଦିନ ପରେ କରୁଣ ନାୟାରଙ୍କୁ ସାମିଲ କରାଯାଇଛି, ଯିଏ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଦଳର ମଝିଆ ବ୍ୟାଟିଂ ଶୂନ୍ୟସ୍ଥାନ ପୂରଣ କରିବେ ବୋଲି ଆଶା କରାଯାଉଛି। ଏହି ଘୋଷଣା ସହ ପୂର୍ବତନ ଭାରତୀୟ କୋଚ ସଞ୍ଜୟ ବାଙ୍ଗର ଏକ ବଡ଼ ବୟାନ ଦେଇ ଚର୍ଚ୍ଚାରେ ରହିଛନ୍ତି।

ମୁଁ ଚତୁର୍ଥ ସ୍ଥାନରେ କରୁଣ ନାୟାରଙ୍କ ବିଷୟରେ ଚିନ୍ତା କରୁଛି। ଯଦି ଘରୋଇ କ୍ରିକେଟକୁ ପ୍ରାଥମିକତା ଦେବା ଏବଂ (ଏହାକୁ) ମାନଦଣ୍ଡ ଭାବରେ ବ୍ୟବହାର କରିବା ବିଷୟରେ ଆଲୋଚନା କରାଯାଏ, ତେବେ ସେ ତାଙ୍କର ଟେଷ୍ଟ ସ୍ଥାନ ଫେରି ପାଇବା ପାଇଁ ଯଥାସମ୍ଭବ ଚେଷ୍ଟା କରିଛନ୍ତି, ବାଙ୍ଗର କହିଛନ୍ତି। ବିସିସିଆଇ ପକ୍ଷରୁ




ଘୋଷିତ ଇଣ୍ଡିଆ। ଏ ଦଳରେ କରୁଣ ନାୟାରଙ୍କ ସହ ଇଶାନ କିଶନ, ସରଫରାଜ ଖାନ ଏବଂ ଶାର୍ଦ୍ଦୁଳ ଠାକୁରଙ୍କ ପରି ଖେଳାଳିଙ୍କୁ ସ୍ଥାନ ମିଳିଛି। ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ଅଧିନାୟକ ଏବଂ ଧ୍ରୁବ ଜୁରେଲଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି।୨୦୧୭ ପରେ କରୁଣ ନାୟାର ଜାତୀୟ ଦଳରେ ସ୍ଥାନ ପାଇ ନଥିଲେ, କିନ୍ତୁ ଘରୋଇ କ୍ରିକେଟରେ ତାଙ୍କର ସ୍ଥିର ପ୍ରଦର୍ଶନ ତାଙ୍କୁ ପୁଣି ଥରେ ସୁଯୋଗ ଦେଇଛି।

ପୂର୍ବତନ ଭାରତୀୟ କୋଚ ସଞ୍ଜୟ ବାଙ୍ଗର କହିଛନ୍ତି, କରୁଣ ନାୟାରଙ୍କ ପାଖରେ ଅସାଧାରଣ ପ୍ରତିଭା ରହିଛି। ସେ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ତ୍ରିଶତକ ମାରିଥିଲେ, ଯାହା ତାଙ୍କର କ୍ଷମତାକୁ ପ୍ରମାଣ କରେ କୋହଲିଙ୍କ ଅନୁପସ୍ଥିତିରେ ସେ ଦଳକୁ ସନ୍ତୁଳନ ଦେବେ ଏବଂ ମଧ୍ୟ କ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ବାଙ୍ଗରଙ୍କ ଏହି ବୟାନ କରୁଣଙ୍କ ପାଇଁ ଏକ ବଡ଼ ସମର୍ଥନ ବୋଲି ବିବେଚନା କରାଯାଉଛି। ଇଂଲଣ୍ଡ ଗସ୍ତରେ ଇଣ୍ଡିଆ। ଏ ଦଳ ଦୁଇଟି ଋରିଦିନିଆ। ମ୍ୟାଚ ଏବଂ ଏକ ଅନଅଫିସିଆଲ ଟେଷ୍ଟ ମ୍ୟାଚ ଖେଳିବ ।ଏହା ଭାରତୀୟ ଖେଳାଳିଙ୍କ ପାଇଁ ନିଜର ପ୍ରତିଭା ପ୍ରମାଣ କରିବାର ଏକ ବଡ଼ ସୁଯୋଗ ହେବ। କରୁଣ ନାୟାରଙ୍କ ଫର୍ମ ଏବଂ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ, କାରଣ ଏହା ତାଙ୍କ ଜାତୀୟ ଦଳରେ ପୁନରାଗମନର ପଥ ପ୍ରଶସ୍ତ କରିପାରେ।

## ଆର୍ଚ୍ଚର ଆହତ, ଅଡୁଆରେ ଇସିବି

ଲଣ୍ଡନ, ୨୨।୫: ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ୍ ଶୃଙ୍ଖଳା ପୂର୍ବରୁ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚ୍ଚର ଆହତ ହୋଇଛନ୍ତି। ଫଳରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ। ଶୃଙ୍ଖଳାରୁ ବାଦ୍ ପଡ଼ିଛନ୍ତି। ଭାରତ ଶୃଙ୍ଖଳା ପୂର୍ବରୁ ଆର୍ଚ୍ଚର ସୁସ୍ଥ ନହେଲେ ଏହା ଇଂଲଣ୍ଡକୁ ଚିନ୍ତାରେ ପକାଇବ ଏଥିପାଇଁ ଆର୍ଚ୍ଚର ରାଜସ୍ଥାନ ରୟାଲ୍ସର ଗତ ଦୁଇ ମ୍ୟାଚ୍ ଖେଳିପାରି ନାହାନ୍ତି। ଶେଷ ଥର ଲାଗି ଚଳିତ ମାସ ୪ ତାରିଖରେ କେକେଆର୍ ବିପକ୍ଷରେ ଖେଳିଥିଲେ। ଜାତୀୟ ସେବା ଲାଗି ଆର୍ଚ୍ଚରଙ୍କୁ ରାଜସ୍ଥାନ ରୟାଲ୍ସ ମଙ୍ଗଳବାର ଛାଡ଼ି ଦେଇଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ଶୃଙ୍ଖଳାରେ ତାଙ୍କ ବଦଳରେ ଇଂଲଣ୍ଡ୍ ଦଳରେ ଲୁକ୍ ଉଡ୍ ସ୍ଥାନ ପାଇଛନ୍ତି।

## ରାଜସ୍ଥାନ ରୟାଲ୍ସ ଛାଡ଼ିବେ ଯଶସ୍ୱୀ ଜୈସୱାଲ ?

ନୂଆଦିଲ୍ଲୀ, ୨୨।୫: ରାଜସ୍ଥାନ ରୟାଲ୍ସରେ ସବୁକିଛି ଠିକ ନାହିଁ କି ? ଯଶସ୍ୱୀ ଜୈସାଲ ଏବଂ ରାଜସ୍ଥାନ ଫ୍ରାଞ୍ଚାଇଜ ମାଲିକଙ୍କ ମଧ୍ୟରେ ସବୁକିଛି ଠିକ ନାହିଁ କି ? ୨୦୨୫ରେ ଫ୍ରାଞ୍ଚାଇଜର ଏକମାତ୍ର ଖେଳାଳି ଭାବେ ୫୦୦ରୁ ଅଧିକ ରନ କରିଥିବା ଜୈସୱାଲ ରାଜସ୍ଥାନ ଛାଡ଼ି କେକେଆର୍ ଯିବେ ବୋଲି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି।କହିବାକୁ ଗଲେ ଏଭଳି ଖବର ପ୍ରସାର ପଛରେ ଯଶସ୍ୱୀଙ୍କ ଏକ ସୋସିଆଲ ମିଡିଆ। ପୋଷ୍ଟ ରହିଛି। ଇନଷ୍ଟାଗ୍ରାମରେ ସେ କରିଥିବା ପୋଷ୍ଟରେ ରାଜସ୍ଥାନ ରୟାଲ୍ସକୁ ଧନ୍ୟବାଦ ଜଣାଇଛନ୍ତି। ସେ ଲେଖିଛନ୍ତି, ସବୁକିଛି ପାଇଁ ରାଜସ୍ଥାନ ରୟାଲ୍ସକୁ ଧନ୍ୟବାଦ। ଆମେ ଯେପରି ଋହୁଁଥିଲୁ, ସିଜନ ଠିକ ସେହିପରି ନ ଥିଲା, କିନ୍ତୁ ଏହି ଯାତ୍ରା ପାଇଁ ଧନ୍ୟବାଦ।ଜୈସାଲଙ୍କ ଏହି ପୋଷ୍ଟ ଆସିବା ପରେ, ସୋସିଆଲ ମିଡିଆରେ ଚର୍ଚ୍ଚା ସରଗରମ ରହିଛି।ସେ ରାଜସ୍ଥାନ ରୟାଲ୍ସ ଛାଡିବେ ବୋଲି କୁହାଯାଉଛି ଟ୍ରେଡିଣ୍ଡୋ ଅଧୀନରେ ରାଜସ୍ଥାନରୁ ଯାଇପାରନ୍ତି ବୋଲି କିଛି ବ୍ୟବହାରକାରୀ କହିଛନ୍ତି କିନ୍ତୁ ବଡ଼ ପ୍ରଶ୍ନ ହେଉଛି।ଏହି ସମ୍ପୂର୍ଣ୍ଣ ଘଟଣା ପଛରେ ସତ୍ୟ କଣ ? ଏମିତିରେ ଜୈସୱାଲ ପରେ ଇନଷ୍ଟାଗ୍ରାମରେ କରିଥିବା ପୋଷ୍ଟକୁ ସଂଶୋଧନ କରିଛନ୍ତି। ପୋଷ୍ଟରେ କେବଳ ଗୋଟିଏ ଶବ୍ଦ ଯୋଡ଼ିବା ପରେ ସମ୍ପୂର୍ଣ୍ଣ ଅର୍ଥ ବଦଳି ଯାଇଛି।

# ପ୍ଲେ ଅଫ୍‌ରେ ମୁମ୍ବାଇ, ଦିଲ୍ଲୀ କ୍ୟାପିଟାଲ୍ସ ନିରାଶ

ମୁମ୍ବାଇ, ୨୨।୫: ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକ ପରେ ବୋଲରଙ୍କ ଘାତକ ବୋଲିଂ ଦିଲ୍ଲୀ କ୍ୟାପିଟାଲ୍ସକୁ ୫୯ ରନରେ ହରାଇଲା। ମୁମ୍ବାଇ ଇଣ୍ଡିଆନ୍ସ ଅଷ୍ଟମ ମ୍ୟାଚ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ଦଳ ଭାବେ ଆଇପିଏଲ୍ ୨୦୨୫ର ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ମୁମ୍ବାଇଠୁ ହାରି ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ଏହା ପୂର୍ବରୁ ଗୁଜରାଟ, ବେଙ୍ଗାଲୁରୁ ଓ ପଞ୍ଜାବ ପ୍ଲେ ଅଫ୍‌ରେ



ପ୍ରବେଶ କରି ସାରିଛନ୍ତି।

ର ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ସୂର୍ଯ୍ୟକୁମାର ଯାଦବଙ୍କ ୭୩ ରନ ବଳରେ ୫ ୱିକେଟ୍ ହରାଇ ୧୮୦ ରନ କରିଥିଲା। ଜବାବରେ ଦିଲ୍ଲୀ ମୁମ୍ବାଇ ବୋଲରଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ୧୮.୨ ଓଭରରେ ୧୨୧ ରନରେ ଅଲଆଉଟ୍ ହୋଇଥିଲା।ବୋଲିଂରେ ମିଚେଲ୍ ସାଣ୍ଟନର ଓ ଯଶପ୍ରୀତ ବୁମରା ୩ଟି ଲେଖାଏଁ ୱିକେଟ୍ ନେଇ ଦଳକୁ ସହଜ ବିଜୟ ଦେଇଛନ୍ତି।

ଦିଲ୍ଲୀ କ୍ୟାପିଟାଲ୍ସ ୧୮୧ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ବେଳେ ଦଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା ଦଳ ୨୭ ରନ ସ୍କୋରରେ ତିନି ଟପ୍ ଅର୍ଡର ବ୍ୟାଟରଙ୍କୁ ହରାଇଥିଲା। କେଏଲ ରାହୁଲ ଓପନିଂ କରି କେବଳ ୧୧ ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟକ ଦାୟିତ୍ୱସମ୍ଭାଳିଥିବା ଫାଫ ଡୁ ପ୍ଲେସିସ୍ ୬ ଓ ଅଭିଷେକ ପୋରେଲ ୬ ରନ କରି କ୍ରିଜରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ବିପରାଜ ନିଗମ ଓ ସମୀର ରିଜଭିଙ୍କ ମଧ୍ୟରେ ଭାଗିଦାରୀ ଆରମ୍ଭ ହେବା ବେଳକୁ ବିପରାଜ ୨୦ ରନ କରି ପାଭିଲିୟନ ଫେରିବା ଦିଲ୍ଲୀକୁ ବଡ ଝଟକା ଦେଇଥିଲ। ୬୫ ରନରେ ଦିଲ୍ଲୀର ୫ ବ୍ୟାଟର ଆଉଟ୍ ହୋଇଥିଲେ।

ଟ୍ରିଷ୍ଟନ ଷ୍ଟବ୍ସ ଓ ଆଶୁତୋଷ ଶର୍ମାଙ୍କ ପରି ବିସ୍ଫୋରକ ବ୍ୟାଟର ମଧ୍ୟ ଫ୍ଲପ୍ ମାରିଥିଲେ ସମୀର ରିଜଭି ଗୋଟିଏ ପଟେ ଇନିଂସ ସମ୍ଭାଳି ୩୯ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ ହେଲେ ତାହା ଦଳ ପାଇଁ ପର୍ଯ୍ୟାପ୍ତ ନ ଥିଲା ଦିଲ୍ଲୀ ଏକଦା ୫ ୱିକେଟ ହରାଇ ୧୦୩ ରନ କରିଥିଲେ ହେଁ ପରବର୍ତ୍ତୀ ୧୮ ରନରେ ଦଳ ଶେଷ ୫ ୱିକେଟ ହରାଇ ପରାଜିତ ହୋଇଛି। ଦିଲ୍ଲୀର ୧୧ରୁ ୭ ବ୍ୟାଟର ଦୁଇ ଅଙ୍କ ବି ଛୁଇଁ ପାରି ନ ଥିଲେ । ମୁମ୍ବାଇ ପକ୍ଷରୁ ମିଚେଲ୍ ସାଣ୍ଟନର ଓ ଯଶପ୍ରୀତ ବୁମରା ଦିଲ୍ଲୀ ଇନିଂସର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଗୋଟିଏ ପଟେ ସାଣ୍ଟନର ୪ ଓଭରରେ ମାତ୍ର ୧୧ ରନ ଦେଇ ୩ଟି ସଫଳତା ହାସଲ କରିଥିଲେ ବୁମରା ୩.୨ ଓଭରରେ ମାତ୍ର ୧୨ ରନ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ ।

## ଅଧିନାୟକ ଘୋଷଣା ନେଇ ବିଚାରବିମର୍ଷ

ମୁମ୍ବାଇ, ୨୨।୫: ଭାରତୀୟ କ୍ରିକେଟ୍ ଦଳର ବହୁ ପ୍ରତୀକ୍ଷିତ ଇଂଲଣ୍ଡ ଲାଗି ଦଳ ଘୋଷଣା ଆସନ୍ତା ୨୪ ତାରିଖରେ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଦିନ ମଧ୍ୟ ଚୟନକର୍ତ୍ତା ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ଉତ୍ତରାଧିକାରୀଙ୍କ ନାଁ ଘୋଷଣା କରିବେ। ଭାରତୀୟ ଦଳର ନୂଆ ଅଧିନାୟକ ଦୌଡ଼ରେ ଶୁବମନ ଗିଲ୍ ଓ ଋଷଭ ପନ୍ତ ଥିଲା ବେଳେ କେଏଲ୍ ରାହୁଲଙ୍କ ନାଁ ମଧ୍ୟ ବିଚାରକୁ ଆସିଛି। ପୂର୍ବରୁ ଅଧିନାୟକ ଦୌଡ଼ରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ମଧ୍ୟ ରହିଥିଲେ ତାଙ୍କୁ ମଧ୍ୟ ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ଏବଂ ପୂର୍ବତନ ସ୍ପିନର ଆର୍ ଅଶ୍ୱିନ ଦୃଢ଼ ସମର୍ଥନ କରିଥିଲେ। ତେବେ ବୁମ୍ରା ନିଜ ଆଡୁ ଅଧିନାୟକ ଦୌଡ଼ରୁ ଓହରି ଯାଇଥିବା ଜଣାପଡ଼ିଛି। ଗିଲ୍ ଭାରତୀୟ ଟେଷ୍ଟ୍ ଦଳର ଅଧିନାୟକ ହେବା ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଥିଲେ ମଧ୍ୟ ଜଣେ ଦୁଇଜଣ ଚୟନକର୍ତ୍ତା ତାଙ୍କୁ ଏତେ ଶୀଘ୍ର ଟେଷ୍ଟ୍ ଦଳର ମଙ୍ଗ ଧରାଇବା ସପକ୍ଷରେ ନାହାନ୍ତି ବରଂ ଗିଲ୍‌ଙ୍କୁ ଇଂଲଣ୍ଡ ଗସ୍ତରେ ଉପଅଧିନାୟକ କରି ଜଣେ ତୁଳନାତ୍ମକ ଭାବେ ଅଧିକ ଅଭିଜ୍ଞତା ରଖିଥିବା ଖେଳାଳିଙ୍କୁ ଅଧିନାୟକ ପଦରେ ଅବସ୍ଥାପିତ କରିବାକୁ ସେମାନେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ସୁପାରିସ୍ ମଧ୍ୟ କରିସାରିଛନ୍ତି ।

# କୋର୍ଟର ଦ୍ୱାରସ୍ଥ ହେଲେ ପ୍ରିତି ଜିଣ୍ଟା

ନୂଆଦିଲ୍ଲୀ, ୨୨।୫: ପ୍ରୀତି ଜିଣ୍ଟା କୋର୍ଟରେ ପହଞ୍ଚିଛନ୍ତି। ପ୍ରଶ୍ନ ହେଉଛି କାହିଁକି ? କିଛି ଦିନ ପୂର୍ବେ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଭାଇରାଲ ହୋଇଥିବା ନକଲି ଫଟୋ ହିଁ ତାଙ୍କର କୋର୍ଟଙ୍କ ଦ୍ୱାରସ୍ଥ ହେବା ପଛରେ କାରଣ କି ? ୧୮ ମଇରେ ପଞ୍ଜାବ କିଙ୍ଗସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ପରେ, ପ୍ରୀତି ଜିଣ୍ଟା ବୈଭବ ସୂର୍ଯ୍ୟବଂଶୀଙ୍କୁ ଆଲିଙ୍ଗନ କରୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଫଟୋକୁ ସତ ବୋଲି ବିଶ୍ୱାସ କରାଯିବା ପରେ ପ୍ରୀତି ନିଜେ ଏହାକୁ ନକଲି ଫଟୋ ବୋଲି କହିଥିଲେ। ଏହି ଘଟଣାର ମାତ୍ର ଦୁଇ ଦିନ ପରେ, ପ୍ରୀତି କୋର୍ଟକୁ ଆସୁଥିବାର ଖବର ଆସିଛି, ତେବେ କାହିଁକି ?

ପ୍ରକୃତରେ, ପ୍ରୀତି କୋର୍ଟକୁ ଯିବାର କାରଣ ବୈଭବ ସୂର୍ଯ୍ୟବଂଶୀଙ୍କ ସହିତ ତାଙ୍କର ଦେଖାଯାଇଥିବା ନକଲି ଫଟୋ ନୁହେଁ। ଏହା ପଛରେ କାରଣ ପ୍ରକୃତରେ ତାଙ୍କ ଦଳ ପଞ୍ଜାବ କିଙ୍ଗସର ଅନ୍ୟ ସହ-ମାଲିକଙ୍କ ସହ ଋଲିଥିବା ବିବାଦ। କେପିଏଚ୍ ଡ୍ରିମ କ୍ରିକେଟ ପ୍ରାଇଭେଟ ଲିମିଟେଡର ଅଭିନେତ୍ରୀ ଏବଂ ନିର୍ଦ୍ଦେଶିକା ପ୍ରୀତି ଜିଣ୍ଟା ପୁଣି ଥରେ ସହ-ନିର୍ଦ୍ଦେଶକ ମୋହିତ ବର୍ମନ ଏବଂ ନେସ ୱାଡିଆଙ୍କ ବିରୋଧରେ ଚଣ୍ଡିଗଡ଼ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।

କୋର୍ଟରେ ଦାୟର ଆବେଦନରେ ପ୍ରୀତି ଜିଣ୍ଟା ଦାବି କରିଛନ୍ତି ଯେ ୨୧ ଏପ୍ରିଲରେ ଅନୁଷ୍ଠିତ କମ୍ପାନୀର କୁ ଅବୈଧ ଏବଂ ଅମାନ୍ୟ ଘୋଷଣା



କରାଯାଉ ସେ ଦାବି କରିଛନ୍ତି ଯେ ମୋହିତ ବର୍ମନଙ୍କ ପକ୍ଷରୁ ନେସ ୱାଡିଆଙ୍କ ସକ୍ରିୟ ସମର୍ଥନରେ କମ୍ପାନୀ ଆଇନ, ୨୦୧୩ ଏବଂ ସାଧାରଣ ବୈଠକର ସଚିବାଳୟ ମାନଦଣ୍ଡର ଖୋଲାଖୋଲି ଉଲ୍ଲଂଘନ କରି ଏହି ବୈଠକ ଅନୁଷ୍ଠିତ ହୋଇଥିଲା

ପ୍ରୀତି ଜିଣ୍ଟା ଏହା ମଧ୍ୟ ଦାବି କରିଛନ୍ତି ଯେ ମୋହିତ ବର୍ମନ ଏବଂ ନେସ ୱାଡିଆଙ୍କୁ ସେହି ବୈଠକରେ ଗୃହୀତ ଯେକୌଣସି ପ୍ରସ୍ତାବ କାର୍ଯ୍ୟକାରୀ କରିବାରୁ ନିଷେଧ କରାଯାଉ ଏବଂ ମୁନିଶ ଖାନ୍ନାଙ୍କୁ କମ୍ପାନୀର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିବାରୁ କିମ୍ବା ନିଜକୁ ନିର୍ଦ୍ଦେଶକ ଭାବରେ ଘୋଷଣା କରିବାରୁ ନିଷେଧ କରାଯାଉ। ଏହା ସହିତ, ସେ କମ୍ପାନୀ ଏବଂ ଅନ୍ୟ ନିର୍ଦ୍ଦେଶକମାନଙ୍କୁ ମାମଲା ବିଋରାଧୀନ ଥିବା ସମୟରେ ତାଙ୍କ ଏବଂ କରଣ ପଲଙ୍କ ଉପସ୍ଥିତି ବିନା ଏବଂ ମୁନିଶ ଖାନ୍ନାଙ୍କ ଉପସ୍ଥିତିରେ କୌଣସି ବୋର୍ଡ ବୈଠକ କିମ୍ବା ସାଧାରଣ ବୈଠକ କିମ୍ବା କମ୍ପାନୀର ବ୍ୟାପାର ସମ୍ବନ୍ଧୀୟ କୌଣସି କାର୍ଯ୍ୟ କରିବାରୁ ନିଷେଧ କରିବାକୁ ଦାବି କରିଛନ୍ତି।

ପ୍ରୀତି ଜିଣ୍ଟାଙ୍କ ପାଖରେ ଡ୍ରିମ କ୍ରିକେଟ ପ୍ରାଇଭେଟ ଲିମିଟେଡରେ ୨୩% ଅଂଶଧନ ଅଛି, ଏହା କମ୍ପାନୀ ଆଇନ, ୧୯୫୬ ଅନୁଯାୟୀ ପଞ୍ଜିକୃତ ଏକ ଘରୋଇ କମ୍ପାନୀ ପଞ୍ଜାବ କିଙ୍ଗ୍ସ କ୍ରିକେଟ ଦଳର ମାଲିକାନା ଥିବା ଏହି କମ୍ପାନୀ ର ଏକ ଫ୍ରାଞ୍ଚାଇଜ ଧାରକ।କୋର୍ଟ ଏହି ମାମଲାର ଜବାବ ଦାଖଲ କରିବା ପାଇଁ ଅଭିଯୁକ୍ତମାନଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରୀତି ଜିଣ୍ଟା ପୂର୍ବରୁ ମୋହିତ ବର୍ମନଙ୍କୁ କମ୍ପାନୀରେ ତାଙ୍କର ୧୧.୫ ପ୍ରତିଶତ ଅଂଶଧନ ଉପରେ କୌଣସି ତୃତୀୟ ପକ୍ଷ ଅଧିକାର ସୃଷ୍ଟି, ବିକ୍ରୟ କିମ୍ବା ସ୍ଥାନାନ୍ତର କରିବାରୁ ନିଷେଧ କରିବାକୁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ